## ସଂକ୍ଷେପରେ

### ସଚିବଙ୍କ ଗସ୍ତକୁ ବିରୋଧ କଲା ଭାଜପା

ଯାଜପୁର ଟାଉନ,୩୧।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ସହରକୁ ୨ୟ ଥର ଗୁରୁବାର ଅପରାହ୍ନରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଆସିଥିବାବେଳେ ତାଙ୍କୁ ବିରୋଧ କରାଯାଇଛି। ସେ ଯାଜପୁର ପ୍ରଶାସନିକ ଭବନ ପଡ଼ିଆକୁ ଗସ୍ତ କରୁଥିବାବେଳେ ରାଜ୍ୟ ଭାଜପା ଯୁବମୋର୍ଚ୍ଚ ସଂଯୋଜକ ସଂଗ୍ରାମ ପାତ୍ରଙ୍କ ନେତୃତ୍ୱରେ ପ୍ରଥମଥର କରି ସଚିବଙ୍କ ଏହି ଗସ୍ତକୁ ବିରୋଧ କରାଯାଇଛି। ଗତ ୨୯ ତାରିଖରେ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଥିବାବେଳେ ଭାଜପା ଜିଲା ସଭାପତି ଗୌତମ ରାୟ ଏକ ଖବରଦାତା ସମ୍ମିଳନୀ କରି ନିରବରେ ବସି ରହିଥିଲେ।

ଗୁରୁବାର ମେଡିକାଲ କଲେଜ ଛକ ନିକଟରୁ ଭାଜପା ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ପ୍ରଶାସନିକ ଭବନ ପଡ଼ିଆକୁ ଆସୁଥିବାବେଳେ ବାଟରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ରାଜ୍ୟ ଭାଜପା ଯୁବମୋର୍ଚ୍ଚ ସଂଯୋଜକ ସଂଗ୍ରାମ ପାତ୍ର ପାଣ୍ଡିଆନଙ୍କ ବ୍ୟୟବହୁଳ ଗସ୍ତ ଓ ଅଭିଯୋଗ ଶୁଣାଣିକୁ ବିରୋଧ କରି ଗୋ ବ୍ୟାକ୍ ପାଣ୍ଡିଆନ ନାରା ଦେଇ କଳା ପତାକା ପ୍ରଦର୍ଶନ କରିଥିଲେ। ଏଥିରେ ଜୟରଞ୍ଜନ ସ୍ୱାଇଁ, ଆଶୁତୋଷ ପାଣିଗ୍ରାହୀ, ହୃଷୀକେଶ ପରିଡ଼ା, ସୁଦାମ ପରିଡ଼ା, ଉର୍ମିଳା ବେହେରା, ପୀତାମ୍ବର ଦାସ, ଜଗବନ୍ଧୁ ସାହୁ, ଶ୍ରୀକାନ୍ତ ସାହୁ, ଅନ୍ନପୂର୍ଣ୍ଣା ଜେନା, କ୍ଷୀରୋଦ ବାରିକ, ନିରଞ୍ଜନ ସାହୁ, ଜୟନ୍ତ ସାହୁ, ସୁମନ୍ତ ଗୁଇଁ, ଈଶ୍ୱର ଚନ୍ଦ୍ର ସାମଲ, ପ୍ରକାଶ ଚନ୍ଦ୍ର ବେହେରା ଓ ଅନନ୍ତ ବେହେରାଙ୍କ ସମେତ ବହୁ ଯୁବ କର୍ମୀ ସାମିଲ ହୋଇଥିଲେ। ସେହିପରି ଯାଜପୁର ରାମମନ୍ଦିରଠାରେ କେତେଜଣ ଭାଜପା ଯୁବକର୍ମୀ ପାଣ୍ଡିଆନ ଗସ୍ତକୁ ବିରୋଧ କରି କଳାପତାକା ପ୍ରଦର୍ଶନ କରିଥିଲେ। ଭାଜପା ପୃଥକ୍ ଭାବେ ପ୍ରତିବାଦ ଶୋଭାଯାତ୍ର କରିଛି।

### ସାପକାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

ଧର୍ମଶାଳା,୩୧।୮ (ବଟକୃଷ୍ଣ ପରିଡ଼ା):

ଜେନାପୁର ଥାନା ଅନ୍ତର୍ଗତ କୃଷ୍ଣପସିଗ୍ରାମରେ ସାପ କାମୁଡ଼ାରେ ଗୁରୁବାର ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ଶ୍ରୀହରି ସାମଲ(୬୯)। ଶ୍ରୀହରି ବିଲରେ କାମ କରୁଥିବାବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ଫଳରେ ସେ ସେଠାରେ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୨୧/୨୩ ରୁଜୁ ହୋଇଥିବା ଏସ୍ଆଇ ସଞ୍ଜୟ କୁମାର ଭୋଳ ସୂଚନା ଦେଇଛନ୍ତି।

# ସହରର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା

**ବ୍ୟାସନଗର ପୌର ପରିଷଦ କାର୍ଯ୍ୟାଳୟରେ ସ୍ୱାୟତ୍ତ ଶାସନ ଦିବସ**

ଯାଜପୁରରୋଡ୍,୩୧।୮ (ପବିତ୍ର ରଞ୍ଜନ ମହାନ୍ତି)


ସଭା ମଞ୍ଚରେ ଉପସ୍ଥିତ ଅତିଥି ଓ ସମ୍ବର୍ଦ୍ଧିତ ପୌର କର୍ମଚାରୀ।

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ବ୍ୟାସନଗର ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାତଃ ୫ ଘଟିକାରେ ରାମଧୁନ ଗାଡ଼ି ସହର ପରିକ୍ରମା କରିଥିଲା। ସକାଳ ୮.୩୦ ମିନିଟ୍‌ରେ କାର୍ଯ୍ୟାଳୟ ପ୍ରାଙ୍ଗଣରେ ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବ୍ୟାସନଗର ପୌରାଞ୍ଚଳର ସାପଗାଡ଼ିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଚୁନଭାଟି ସରକାରୀ ପ୍ରକଳ୍ପ ଉପ୍ରା ବିଦ୍ୟାଳୟ, ମେହେର ସାରାକରୀ ଉପ୍ରା ବିଦ୍ୟାଳୟ, ମହାବୀର ସରକାରୀ ଉପ୍ରା ବିଦ୍ୟାଳୟ, ରାଧାରମଣ ସରକାରୀ ଉପ୍ରା ବିଦ୍ୟାଳୟ, ଧଳଗିରି ସରକାରୀ ଉପ୍ରା ବିଦ୍ୟାଳୟ, ବିରମଣିପୁରୁ ସରକାରୀ ଉପ୍ରା ବିଦ୍ୟାଳୟ, ଜବାହର ସରକାରୀ ଉପ୍ରା ବିଦ୍ୟାଳୟ, କୋପଣ୍ଡ ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବଂ ଓ ଏମ୍ସି ଉପ୍ରା ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ସଚେତନତା ବାର୍ତ୍ତା ପ୍ଲାକାର୍ଡ ଧରି ପ୍ରଭାତ ଫେରି କରି ପୌର କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ମିଶନ ଶକ୍ତି ଗ୍ରୁପର ମହିଳା, ପୌର ଅଧିକାରୀ, କର୍ମଚାରୀ, ପାରିଷଦ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ପୌରାଧ୍ୟକ୍ଷା ସ୍ୱାୟତ୍ତ ଶାସନ ଦିବସର ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇବା ସହ ସହରର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରି ଉଦ୍‌ବୋଧନ ରଖିଥିଲେ। ଉପାଧ୍ୟକ୍ଷ ବଳ ଭାରତରେ ସ୍ୱାୟତ୍ତ ଶାସନ ଦିବସର ଜନ୍ମ ସମ୍ପର୍କରେ ସୂଚନା ଦେଇଥିଲେ। କାଉନସିଲର ଅଶୋକ କୁମାର ରାଉତ ପୌର ପରିଷଦର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ କହିଥିଲେ।

ଏହାପରେ ପୌରପରିଷଦ ସଭାଗୃହରେ ଉପାଧ୍ୟକ୍ଷ ବଳଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସହରର ବରିଷ୍ଠ ଖବରଦାତା ହାରାଧନ ବାନାର୍ଜୀ, ବାବୁରାମ ଜେନା, ଚିନ୍ତାମଣି ପାଢ଼ୀ, ଉଦୟ ଖଣ୍ଡାଇ ଓ ହର୍ଷବର୍ଦ୍ଧନ ବେହେରା ସମ୍ମାନିତ ଅତିଥିରୂପେ ଯୋଗଦେଇ ସହରର ବିକାଶ ଓ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ, ପାରିଷଦ, ନିର୍ବାହୀ ଅଧିକାରୀ ଏବଂ ସମସ୍ତ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ମାର୍ଗଦର୍ଶନ କରିଥିଲେ। ପୌର ପରିଷଦ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତସଭାରେ ନିଜ ନିଜ କ୍ଷେତ୍ରରେ ଉତ୍ତମ କାର୍ଯ୍ୟ ପ୍ରଦର୍ଶନ କରିଥିବା ସ୍ୱଚ୍ଛସାଥୀ ସୁପରଭାଇଜର ରିଙ୍କୁ କୁମାରୀ, ବିଓଭି ଚାଳିକା ବାସନ୍ତୀ କିସ୍କୁ, ସସ୍ମିତା ରାଉତ, ଆରତୀ ପରିଡ଼ା, ରଶ୍ମିତା ବିଶ୍ୱାଳ ଓ କାର୍ଯ୍ୟାଳୟ କର୍ମଚାରୀ ରତ୍ନାକର ରାଉତଙ୍କୁ ପୌରପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୌର ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର କାର୍ଯ୍ୟାଳୟର ଅଧିକାରୀ ଲକ୍ଷ୍ମୀଧର ଜେନା, କିଶୋରୀ ରାଉତ, ବୃନ୍ଦାବନ ଖିଲାର, ଶଶୀକାନ୍ତ ଘଡ଼ାଇ, ଉଦୟ ବାରିକ, ପ୍ରଜ୍ଞା ପରମିତା ଚକ୍ରବର୍ତ୍ତୀ, ତନ୍ମୟୀ ସାହୁ, ରିଚିସ୍ମିତା ମହାନ୍ତି, ସନ୍ତୋଷ କୁମାର ନାୟକ, ମାଣିକ ରଞ୍ଜନ ନାୟକ ଓ ରମାକାନ୍ତ ସାହୁ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ଆବାସ କାର୍ଯ୍ୟାଦେଶ ମିଳିଲା, ପ୍ରଥମ କିସ୍ତି ମିଳୁନି

**ନିରାଶ ୨ ହିତାଧିକାରୀ**

କାଏମା,୩୧।୮ (ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ଅଧୀନ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦ ଗ୍ରାମର ସାଗରିକା ମଲ୍ଲିକ ଓ ସାଲେପୁର ଗ୍ରାମର ଗଙ୍ଗୋତ୍ରୀ ମଳିକ ଆବାସ ଯୋଜନାରେ ଘର କରିବାକୁ କାର୍ଯ୍ୟାଦେଶ ପାଇଛନ୍ତି। ହେଲେ ଏ ପର୍ଯ୍ୟନ୍ତ ସେମାନଙ୍କୁ ପ୍ରଥମ କିସ୍ତି ମିଳି ପାରିନାହିଁ। ତେଣୁ ପ୍ରଥମ କିସ୍ତି କ'ଣ ପାଇଁ ଆସିନାହିଁ ଏନେଇ ସେମାନେ ଅନେକ ଥର ବ୍ଲକ କାର୍ଯ୍ୟାଳୟକୁ ଯାଇ ଜଣାଇଥିଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ପଞ୍ଚାୟତରେ ୨୦୨୧-୨୨ ଆର୍ଥିକ ବର୍ଷରେ ଆବାସ ଯୋଜନାରେ ୧୬୮ ହିତାଧିକାରୀଙ୍କୁ ଘର ନିର୍ମାଣ ନିମନ୍ତେ ଗତ ଜୁନ୍‌ରେ କାର୍ଯ୍ୟାଦେଶ ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ଅନେକ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରଥମ କିସ୍ତି ବାବଦକୁ ୪୦ ହଜାର ଟଙ୍କା ଆସିଥିବାବେଳେ ଉପରୋକ୍ତ ୨ ହିତଧିକାରୀଙ୍କୁ ବଞ୍ଚିତ କରାଯାଇଛି।

ଅନ୍ୟପଟେ ଟଙ୍କା ନ ପାଇବାରୁ ପଞ୍ଚାୟତରେ ଥିବା କେତେଜଣ ରାଜନୈତିକ ଦଳର କର୍ମୀ ଉଦ୍ଦେଶ୍ୟମୂଳକ ଭାବେ ଯୋଗ୍ୟବ୍ୟକ୍ତିଙ୍କ ନାମକୁ ତାଲିକାରୁ କାଟି ଦେଉଥିବା ଅଭିଯୋଗ ହୋଇଛି। ଏପରିକି କମ୍ପ୍ୟୁଟରରେ ତଥ୍ୟ ଅପ୍‌ଲୋଡ୍‌ବେଳେ ଚଞ୍ଚକତା କରାଯାଇ ହିତାଧିକାରୀ ପାଇଥିବା କାର୍ଯ୍ୟାଦେଶରେ ସ୍ୱାମୀ ଓ ପିତାଙ୍କ ସ୍ଥାନରେ ହିତାଧିକାରୀଙ୍କ ଶଶୁରଙ୍କ ନାମ ଜାଣିଶୁଣି ସଂଯୋଗ କରାଯାଉଛି। କାର୍ଯ୍ୟାଦେଶରେ ସ୍ୱାମୀଙ୍କ ନାମ କାହିଁକି ରହୁନାହିଁ ଏନେଇ ପ୍ରଶ୍ନ କରିବାରୁ କୌଣସି ପ୍ରତିକ୍ରିୟା ମିଳି ପାରୁନାହିଁ। ପ୍ରଶାସନ କାର୍ଯ୍ୟାଦେଶ ଦେବା ପୂର୍ବରୁ ଭୁଲ୍ ତଥ୍ୟ ଦେଇଥିବା ହିତାଧିକାରୀଙ୍କୁ ନୋଟିସ କରିବା କଥା। ହେଲେ ବ୍ଲକ୍ ପ୍ରଶାସନ ପକ୍ଷରୁ କୌଣସି ନୋଟିସ ଦିଆଯାଇଥିବା ସେମାନେ କହିଛନ୍ତି। ଏ ସମ୍ପର୍କରେ ବିଡିଓ ଦେବେନ୍ଦ୍ର ବଳଙ୍କୁ ପଚାରିବାରେ ସେ କହିଛନ୍ତି, ଘଟଣାର ତଦନ୍ତ କରି ହିତାଧିକାରୀଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଯିବ। ମିର୍ଜାପୁର ସରପଞ୍ଚ ପ୍ରଶାନ୍ତ ଦାସ କହିଛନ୍ତି, ପଞ୍ଚାୟତରେ ତାଙ୍କୁ ଅଣଦେଖା କରାଯାଉଛି। ସେ ତାଲିକା ଦେଇଥିବା ଅଯୋଗ୍ୟ ବ୍ୟକ୍ତିଙ୍କ ନାମ କଟା ନ ଯାଇ ଘର ଦିଆଯାଉଛି। ହେଲେ ଯୋଗ୍ୟ ବ୍ୟକ୍ତିଙ୍କୁ ଘର ମିଳୁନାହିଁ। ତାଙ୍କ ଅଞ୍ଚଳର କେତେଜଣ ରାଜନେତାଙ୍କ ଇଙ୍ଗିତରେ ଆବାସ ଯୋଜନା ତାଲିକା ପ୍ରସ୍ତୁତ କରାଯାଉଛି। ଯିଏ ସେମାନଙ୍କୁ ହାତଗୁଞ୍ଜା ଦେଉଛନ୍ତି ସେମାନଙ୍କୁ ଆବାସ ମିଳୁଛି।


ବ୍ୟାସନଗରସ୍ଥିତ ଚୋରଦା ଗ୍ରାମରେ ଝୁଲଣ ଯାତ୍ରାରେ ରାଧାକୃଷ୍ଣଙ୍କ ବେଶରେ ରାସନୃତ୍ୟ ପରିବେଷଣ କରାଯାଉଛି।


ପାଲିଙ୍କିରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି।

# ଦୁର୍ଘଟଣାରେ ଭିଣୋଇ ମୃତ, ଶଳା ଗୁରୁତର

ଢେଙ୍କିକୋଟ,୩୧।୮ (ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍‌ହାଉସ ଅନ୍ତର୍ଗତ ସାନ୍ତରାପୁର ପଞ୍ଚାୟତ ରାଇବଣ ସାହି ନିକଟରେ ବୁଧବାର ରାତିରେ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ହାଇୱା ପଛରେ ବାଇକ ପିଟି ହେବାରୁ ଘଟଣାସ୍ଥଳରେ ବାଇକ ଚାଳକ ଭିଣୋଇଙ୍କ ମୃତ୍ୟୁ ଘଟିଥିବା ବେଳେ ଶଳା ଗୁରୁତର ହୋଇଛନ୍ତି। ମୃତକ ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅନ୍ତର୍ଗତ ପିଙ୍ଗୁ ଗ୍ରାମର ରାଜେନ୍ଦ୍ର ଚାତାର। ସୂଚନା ଅନୁଯାୟୀ, ଢେଙ୍କିକୋଟ ହରିଚନ୍ଦନପୁର ଆରଡି ରାସ୍ତା ଉଙ୍ଗାଧର ନାଳ ନିକଟରେ ହାଇୱା ରଖି ଡ୍ରାଇଭର ଶୌଚ ପାଇଁ ଯାଇଥିଲା। ରାଜେନ୍ଦ୍ର ନିଜ ଶଳା ବଳରାମ ମୁଣ୍ଡାଙ୍କ ସହ ଢେଙ୍କିକୋଟ ବଜାରରୁ ସନ୍ଧ୍ୟା ସାଢ଼େ ୭ଟା ବେଳେ ଶ୍ୱଶୁର ଘର ପଇଦାପାଟଣା ପଞ୍ଚାୟତ ନିଶ୍ଚିନ୍ତପୁରକୁକୁ ଫେରୁଥିଲେ। ଭାରସାମ୍ୟ ହରାଇ ରାଜେନ୍ଦ୍ର ରାସ୍ତାରେ ଥିବା ହାଇୱାର ପଛ ପଟେ ବାଇକକୁ ପିଟି ଛିଟିକି ପଡ଼ିଥିଲେ। ଢେଙ୍କିକୋଟ ପୋଲିସ ବିଟ ହାଉସ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଗାଁ ଦମକଳ ବାହିନୀ ସହାୟତାରେ ଉଭୟଙ୍କୁ ଘଟଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରାଜେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ବଳରାମଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

# ଚୋରଦା ଗ୍ରାମରେ ଝୁଲଣଯାତ୍ରା

ଯାଜପୁରରୋଡ୍,୩୧।୮ (ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗରସ୍ଥିତ ଚୋରଦା ଗ୍ରାମରେ ଝୁଲଣ ଯାତ୍ରା ଶନିବାର ଆରମ୍ଭ ହୋଇ ବୁଧବାର ଶେଷ ହୋଇଯାଇଛି। ଗ୍ରାମର ଆରାଧ୍ୟ ଦେବୀ ମା'ହରଚଣ୍ଡୀଙ୍କ ମନ୍ଦିର ପ୍ରାଙ୍ଗଣରେ ଥିବା ଠାକୁର ବାଡ଼ିରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ପାଳିତ ହୋଇଛି। ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତିକୁ ଏକ ସୁସଜ୍ଜିତ ଦୋଳିରେ ବସାଇ ଭଜନ, କୀର୍ତ୍ତନ କରାଯାଇ ଝୁଲାଯାଇଛି। ଗ୍ରାମର ଆବାଳ ବୃଦ୍ଧ ବନିତା ଏଥିରେ ଭାଗ ନେଇଥିଲେ। ଶେଷ ଦିନରେ ଏକ ସୁସଜ୍ଜିତ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ସଂକୀର୍ତ୍ତନ କରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଗ୍ରାମର ସମସ୍ତ ଘର ସମ୍ମୁଖରେ ସୁନ୍ଦର ମୁରୁଜର ଚିତ୍ର ଅଙ୍କାଯାଇ, କଳସ ବସାଯାଇ ଶଙ୍ଖ ଓ ହୁଳହୁଳି ସହ ଭୋଗ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏଥିରେ ଆଖପାଖ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଗ୍ରାମରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହେବାସହ ଭାଇଚାରାର ଅପୂର୍ବ ମିଳନ ଦେଖିବାକୁ ମିଳିଥିଲା। ଶେଷରେ ବିମାନ ଠାକୁରବାଡ଼ିରେ ପହଞ୍ଚିବା ପରେ ନୀତିକାନ୍ତି କରାଯାଇ ଏହି ଉତ୍ସବ ଉଦ୍‌ଯାପନ ହୋଇଥିଲା। ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ଗ୍ରାମର ଗୌର ଭକ୍ତବୃନ୍ଦଙ୍କ ଦ୍ୱାରା ଏହି ଉତ୍ସବର ପରିଚାଳନା ଦାୟିତ୍ୱ ସମ୍ପନ୍ନ ହୋଇଥିଲା।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରକ୍ଷା ବନ୍ଧନ

ଯାଜପୁରରୋଡ୍,୩୧।୮ (ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ମୁଣ୍ଡମାଳଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ବିଜୟ କୁମାର ପଣ୍ଡା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଆଚାର୍ଯ୍ୟ ଅଭିମନ୍ୟୁ ଦାଶ ଅତିଥି ପରିଚୟପ୍ରଦାନ କରିବା ସହ ସଭା ପରିଚାଳନା କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ନାୟକ, ଆଚାର୍ଯ୍ୟ ଦେବାନନ୍ଦ ମାଝି, ରତିକାନ୍ତ ବାରିକ, ନିର୍ମଳ ମିଶ୍ର, ହରମୋହନ ବିଶ୍ୱାଳ, ଗୁରୁମା ସୁଶ୍ରୀ କଳ୍ପନା ରାଉତ, ଚିନା ମିଶ୍ର, ଅଶାନ୍ତି ସାମଲ, ସୁଜାତା ଶତପଥୀ ଓ ଅନ୍ୟ ସମସ୍ତ ଗୁରୁଜୀଗୁରୁମା ନିକଟସ୍ଥ ଗ୍ରାମକୁ ଯାଇ ଲୋକଙ୍କ ହାତରେ ରାଖୀ ବାନ୍ଧିଥିଲେ।

# ଅଧାରୁ ପାଠ ଛାଡ଼ିଥିବା ୨ ଛାତ୍ର ସ୍କୁଲକୁ ଫେରିଲେ

କାଏମା,୩୧।୮ (ଶିବପ୍ରସାଦ ମହାନ୍ତି) :


ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଡ୍ରପ୍ ଆଉଟ୍ ଦୁଇ ଛାତ୍ରଙ୍କ ଅଭିଭାବକ।

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅରେଇକଣା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ୨ ଛାତ୍ର ଭାଗ୍ୟଧର ମଲିକ ଓ ଦିଲିପ କୁମାର ରାୟ ସ୍କୁଲକୁ ପୁଣି ଫେରିଛନ୍ତି। ଆର୍ଥିକ ଏବଂ ଶାରୀରିକ ସମସ୍ୟା ଯୋଗୁ ଉଭୟଙ୍କ ପାଠପଢ଼ା ଅଧାରୁ ବନ୍ଦ ହୋଇଥିଲା । ବାପା ଅସୁସ୍ଥ ହେବା ପରେ ଘର ଚଳାଇବାକୁ ଭାଗ୍ୟଧର ଅଷ୍ଟମ ପାସ୍ କରିବା ପରେ ୨୦୨୧ରେ ହାଇଦ୍ରାବାଦ୍ ଚାଲିଯାଇଥିଲେ। ଦିଲିପ ପୋଲିଓ ରୋଗରେ ଆକ୍ରାନ୍ତ ହୋଇ ୨୦୨୦ରେ ମାଟ୍ରିକ ପରୀକ୍ଷାରେ ସଫଳ ହୋଇପାରି ନ ଥିଲେ। ଏଥିପାଇଁ ଉଭୟଙ୍କ ପରିବାରରେ ନାନା ସମସ୍ୟା ଲାଗି ରହିଥିଲା। ତେବେ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକଙ୍କ ସହିତ ପ୍ରଦୀପ କୁମାର ରାଉତଙ୍କ ଉଦ୍ୟମ ଓ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ରଙ୍କ ମାର୍ଗଦର୍ଶନରେ ସେମାନେ ପୁଣି ଥରେ ଗୁରୁବାର ବିଦ୍ୟାଳୟକୁ ଫେରିଛନ୍ତି। ଧର୍ମଶାଳା ବ୍ଲକ୍‌ର ମୁକ୍ତ ବିଦ୍ୟାଳୟ ଧର୍ମଶାଳା ବାଣୀପୀଠରେ ମଣ୍ଡଳ ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରି ମହାନ୍ତି ଓ ମଣ୍ଡଳ ସହଶିକ୍ଷା ଅଧିକାରୀ ମମିତା ମହାନ୍ତିଙ୍କ ଉପସ୍ଥିତିରେ ବାଣୀପୀଠର ଶିକ୍ଷକ ପ୍ରଭାତ କୁମାର କର ଉଭୟଙ୍କ ନାମ ଲେଖାଇଛନ୍ତି ।



ଧର୍ମଶାଳା ଭାଜପା ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯାଉଛି।

# ୫-ଟି ସଚିବଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିରୋଧ

ଯାଜପୁର/ଜେନାପୁର/କାଏମା/ପ୍ରୀତିପୁର, ୩୧।୮ (ହର୍ଷବର୍ଦ୍ଧନ ବେହେରା/ଅଶୋକ ଦାସ/ଶିବପ୍ରସାଦମହାନ୍ତି/ସୁଶାନ୍ତବେହୁରିଆ)

ଯାଜପୁର ଜିଲାର ବଡ଼ଚଣା, ଧର୍ମଶାଳା ଓ ବିଞ୍ଝାରପୁର ବ୍ଲକ ଗସ୍ତ ସମୟରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ଗୁରୁବାର ବିଭିନ୍ନ ରାଜନୈତିକ ଦଳ ଓ ସଙ୍ଗଠନ ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯାଇଥିଲା। ଧର୍ମଶାଳା ଭାଜପା ପକ୍ଷରୁ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ କର୍ମୀମାନେ ସଭାମଞ୍ଚ ଆଡ଼କୁ ଯାଉଥିବାବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ବିଜେଡି ସମର୍ଥକ ପାଣ୍ଡିଆନ ଜିନ୍ଦାବାଦ ନାରା ଦେଇଥିବା ବେଳେ ଓ ଭାଜପା ସମର୍ଥକ ଗୋବ୍ୟାକ୍ ସ୍ଲୋଗାନ ଦେଇଥିଲେ । ଧର୍ମଶାଳାରେ ଭାଜପାର ଦୁଇଗୋଷ୍ଠୀ ପୃଥକ୍ ପୃଥକ୍ ଭାବେ ପଦଯାତ୍ରା ଓ ନାରାବାଜି ଦେଇ ବିରୋଧ କରିଥିଲେ।

ସେହିପରି ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଯୁବନେତା ଅଶ୍ୱିନୀ କୁମାରଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ କଳାବ୍ୟାଚ ପରିଧାନ କରି ବିରୋଧ କରିଥିଲେ। ଧର୍ମଶାଳା କଂଗ୍ରେସ କମିଟି ସଭାପତି କିଶାନ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ କଳାପତାକା ଓ କଳା ପୋଷାକ ପରିଧାନ କରି ପଣ୍ଡିଆନ ଗୋବ୍ୟାକ୍ ସ୍ଲୋଗାନ ଦେଇଥିଲେ। ସେମାନେ ସଭାସ୍ଥଳକୁ ଯିବା ସମୟରେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ଏଥିରେ ବସନ୍ତ କୁମାର ପରିଡ଼ା, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ରାୟ, ଯୁବ କଂଗ୍ରେସ ମୁଖପାତ୍ର ମାନସ କର, ବାବୁଲି ମଲିକ, ପ୍ରଶାନ୍ତ ମଲିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିଞ୍ଝାରପୁର ବ୍ଲକ ଯୁବ କଂଗ୍ରେସ ସଭାନେତ୍ରୀ ସୁଲୋଚନା ଦାସଙ୍କ ନେତୃତ୍ୱରେ କର୍ମୀମାନେ ବିଭିନ୍ନ ନାରାବାଜି ଦେଇ ବିରୋଧ କରିଥିଲେ। ଏଥିରେ ସରୋଜ କୁମାର ନାୟକ, କୁଞ୍ଜ ବିହାରୀ ବେହେରା, ଜ୍ଞାନେନ୍ଦ୍ର ବେଉରିଆ, ବିଜନ କୁମାର ଦାସ, ନାରଦ ମଳିକ, ବସନ୍ତ କୁମାର ଦାସ, ପ୍ରସନ୍ନ କୁମାର ନାୟକ, ସନ୍ତୋଷ ବେହେରା, ଶରତ ମଳିକ, ଜୟନ୍ତ କୁମାର ମଳିକ, ବିଶ୍ୱନାଥ ସେଠୀ, ପ୍ରଶାନ୍ତ ଶେଖର ସାହୁ, ଧୀରେନ୍ଦ୍ର କୁମାର ମହାଳିକ, କାଳିଆ ଜେନା, ପ୍ରତାପ କୁମାର ଦାଶ, କିଶୋର କୁମାର ପୁହାଣ, ସବିତା ଜେନା, ଗୁରୁବାରୀ ସେଠୀ, ଜୟନ୍ତୀ ନାୟକ, ଉମାକାନ୍ତ ନାୟକ, କାଳିନ୍ଦୀ ଜେନା, ଭରତ ସେଠୀ, କୈଳାଶ ଚନ୍ଦ୍ର ସାମଲ, ବିରୁପାକ୍ଷ ବୋଇତାଇ ପ୍ରମୁଖ ସାମିଲ ହୋଇଥିଲେ।

# ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ଠପ୍

**ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି**

- ବାହାରିପାରୁନି ସମାଧାନର ସୂତ୍ର
- କ୍ଷତିଗ୍ରସ୍ତ ହେବେ ଆବାସ ହିତାଧିକାରୀ
- ପ୍ରୋତ୍ସାହନ ରାଶି, ମଜୁରି ଅର୍ଥ ମିଳିବାରେ ପ୍ରଶ୍ନବାଚୀ


ଯାଜପୁର ଜିଲା ସଂସ୍କୃତି ଭବନ ଆଗରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଧାରଣାରେ ବସିଛନ୍ତି।

ରସୁଲପୁର,୩୧।୮ (ରଞ୍ଜିତ ରାଉତ):

ରାଜ୍ୟର ୬,୭୯୪ ପଞ୍ଚାୟତରେ କାର୍ଯ୍ୟରତ ୪୦୦୦ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ୨ ଦଫା ଦାବିନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏଥିରେ ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ୨୮ ପଞ୍ଚାୟତରେ କାର୍ଯ୍ୟରତ ୧୮ (ପିଇଓ) ସାମିଲ ହୋଇଛନ୍ତି। ସେମାନେ ଯାଜପୁର ଜିଲା ସଂସ୍କୃତି ଭବନ ଆଗରେ ଆନ୍ଦୋଳନ କରୁଛନ୍ତି । ଏଥିଯୋଗୁ ପଞ୍ଚାୟତଗୁଡ଼ିକରେ ଉନ୍ନୟନ କାର୍ଯ୍ୟ ଠପ୍ ହୋଇଯାଇଛି। ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘର ନିର୍ମାଣବେଳେ ହିତାଧିକାରୀଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରୁ ମିଳୁଥିବା ମୁଜୁର ବାବଦକୁ ଅର୍ଥ ଓ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଘର ଶେଷକରି ପ୍ରୋତ୍ସାହନ ରାଶି ହାତେଇବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାଛଡ଼ା ଅଗଷ୍ଟରେ ପଞ୍ଚାୟତର ମାସିକିଆ ବୈଠକ ଇ-ପଞ୍ଚାୟତ ସଭା ବସିପାରିନାହିଁ। ଏହି ଦ୍ୱନ୍ଦ୍ୱ କେବେ ଦୂରହେବ ତାକୁ ନେଇ ସଂଶୟ ଜାରି ରହିଛି। ସରକାର ଓ ପିଇଓ ସଂଘର ନେତାଙ୍କ ମଧ୍ୟରେ ଜାରି ରହିଥିବା ଆଲୋଚନା ବାରମ୍ବାର ବିଫଳ ହେଉଛି। ସରକାରଙ୍କ ଲିଖିତ ପ୍ରତିଶ୍ରୁତିକୁ ସଂଘ ବିଶ୍ୱାସକୁ ନେଉ ନ ଥିବା ଆଲୋଚନା ହେଉଛି।

୨୦୧୬ରେ ସରକାରଙ୍କ ପକ୍ଷରୁ ସଂଘର ଦାବିକୁ ନେଇ ଦେଇଥିବା ଲିଖିତ ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇ ନ ଥିବାରୁ ଏଥର ସେଭଳି ପ୍ରସ୍ତାବକୁ ସଂଘ ଅଗ୍ରାହ୍ୟ କରି ଦେଇଥିବା ଜଣାଯାଇଛି। ଆଗକୁ ଆନ୍ଦୋଳନ ଜାରି ରହିବ ବୋଲି ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ଏସବୁ ଭିତରେ ପଞ୍ଚାୟତଗୁଡ଼ିକରେ ଉନ୍ନୟନ କାର୍ଯ୍ୟ ଆଗେଇନେବାକୁ ପ୍ରଶାସନିକ ବିକଳ୍ପ ବ୍ୟବସ୍ଥା ପ୍ରୟାସ ସଫଳ ହୋଇପାରୁନାହିଁ। ପିଇଓମାନେ ଯେପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନରୁ ନ ହଟିଛନ୍ତି ସେ ପର୍ଯ୍ୟନ୍ତ ଜନସାଧାରଣଙ୍କ ସମସ୍ୟା ସମାଧାନ ହେବା ସମ୍ଭବ ନୁହେଁ ବୋଲି କୁହାଯାଉଛି।

ତୃଣମୂଳସ୍ତରରେ ଜନସାଧାରଣଙ୍କ ଉନ୍ନତି, ଗୋଷ୍ଠୀର ବିକାଶ, ସମାଜରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଆଦିକୁ ତ୍ୱରାନ୍ୱିତ କରିବାରେ ଗ୍ରାମ ପଞ୍ଚାୟତର ବିଶେଷ ଭୂମିକା ରହିଆସୁଛି। ପଞ୍ଚାୟତରେ ୱାର୍ଡସ୍ତରରୁ ବିକାଶ କରିବା, ଆଶୁ ସମସ୍ୟାକୁ ସମାଧାନ କରିବା, ନୂତନ ଯୋଜନା ପ୍ରସ୍ତୁତ କରିବା, ଅନୁମୋଦିତ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା, ପଞ୍ଚାୟତର ଆୟବ୍ୟୟର ସମୀକ୍ଷା କରିବା ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ନିଷ୍ପତ୍ତି ନେବାରେ (ପିଇଓ)ଙ୍କ ପ୍ରମୁଖ ଦାୟିତ୍ୱ ରହିଛି। ମାତ୍ର ଆନ୍ଦୋଳନ ଯୋଗୁ ଏହି ପ୍ରକ୍ରିୟାରେ ବାଧା ଉପୁଜିଛି। ସେମାନେ ୨ଦଫା ଦାବି ନେଇ ଆନ୍ଦୋଳନ କରିବେ ବୋଲି ଚଳିତ ମାସ ୭ତାରିଖରୁ ଚେତାବନୀ ଦେଇ ଆସୁଥିଲେ। ଏହାପରେ ୧୮ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୨ସପ୍ତାହ ବିତିବାକୁ ବସିଲାଣି, ସରକାରୀସ୍ତରରେ କୌଣସି ପଦକ୍ଷେପ ନିଆଯାଇ ପାରୁନାହିଁ। ଆନ୍ଦୋଳନ ଜାରି ରହିଲେ ଆଗକୁ ସ୍ଥିତି ସଙ୍ଗିନ ହୋଇପଡ଼ିବ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ସରକାର ତୁରନ୍ତ ପଦକ୍ଷେପ ନେଇ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ସ୍ୱାଭାବିକ କରିବାକୁ ସାଧାରଣରେ ଦାବି ହୋଇଛି।

## ସଂକ୍ଷେପରେ

### ନିଆଁ ଲାଗି ୮ ବଖରା ଜଳିଗଲା, ଗୋରୁ ଜୀବନ୍ତ ଦଗ୍ଧ

**ରାଜକନିକା, ୩୧।୮ (ସଞ୍ଜୟ କୁମାର ଦାଶ)**

ରାଜକନିକା ଥାନା ଅନ୍ତର୍ଗତ କାଟଣା ବଣିଆ ପଞ୍ଚାୟତ ବିଶାଘାଟ ଗାଁରେ ବୁଧବାର ବିଳମ୍ବିତ ରାତ୍ରିରେ ଆକସ୍ମିକ ଅଗ୍ନିକାଣ୍ଡରେ ଗୟାଧର ନାୟକଙ୍କ ୮ ବଖରା ଜଳିଯିବା ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଏଥିସହ ଗୁହାଳେ ଥିବା ଏକ ଗୋରୁ ଜୀବନ୍ତ ଦଗ୍ଧ ହୋଇଯାଇଛି। କୌଣସି ସୂତ୍ରରୁ ଖବରପାଇ ରାଜକନିକା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ଗୁରୁବାର କନିକା ଅତିରିକ୍ତ ତହସିଲଦାର ଦୀନେଶ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଅଗ୍ନି ବିପନ୍ନ ଗୟାଧରଙ୍କୁ ତହସିଲ ପକ୍ଷରୁ ପଲିଥିନ ଯୋଗାଇ ଦେଇଥିଲେ। ସେହିପରି କାଟଣା ସରପଞ୍ଚ ଶୁଭସ୍ମିତା ନାୟକ ପରିବାରକୁ ଭେଟି ଶୁଖିଲା ଖାଦ୍ୟ ଯୋଗାଇ ଦେଇଛନ୍ତି। ତେବେ ଅଗ୍ନି ବିପନ୍ନ ପରିବାରକୁ ଅନ୍ୟ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଅତିରିକ୍ତ ତହସିଲଦାରଙ୍କୁ ଦାବି କରିଛନ୍ତି। ସରକାରୀ ସ୍ତରରେ ଯାହା କରି ହେବ କରାଯିବ ବୋଲି ଅତିରିକ୍ତ ତହସିଲଦାର ପ୍ରଧାନ କହିଛନ୍ତି।

### ଓଲଡ଼ି ମଠରେ ଝୁଲଣଯାତ୍ରା ଶେଷ

**ଡେରାବିଶ, ୩୧।୮ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ଓଲଡ଼ି ମଠରେ ରବିବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ଶ୍ରୀଗୋପୀନାଥଜୀଉଙ୍କ ଝୁଲଣ ଯାତ୍ରା ଗୁରୁବାର ବିଳମ୍ବିତ ରାତିରେ ଶେଷ ହୋଇଛି। ବ୍ଲକ ଅଞ୍ଚଳର ବହୁ ପ୍ରାଚୀନ ଏହି ମଠର ଝୁଲଣ ଯାତ୍ରା ପ୍ରସିଦ୍ଧି ଲାଭ କରିଥିବା ବେଳେ ୫ଦିନ ଧରି ଶ୍ରୀଜୀଉଙ୍କ



ଏହି ଯାତ୍ରା ଚାଲିଥିଲା। ପ୍ରତ୍ୟେହ ସନ୍ଧ୍ୟାରେ ବିଧି ଓ ପରମ୍ପରା ଅନୁଯାୟୀ ଘଣ୍ଟ ସଂକୀର୍ତ୍ତନ ଓ ଶୋଭାଯାତ୍ରା ମଧ୍ୟରେ ସନ୍ଧ୍ୟା ଆଳତି ପରେ ଶ୍ରୀଜୀଉଙ୍କୁ ପହଣ୍ଡି କରାଯାଇ ଝୁଲଣ ମଣ୍ଡପକୁ ନିଆଯାଏ। ସେଠାରେ ଝୁଲଣ ଗୀତ, ଭଜନ ସଂକୀର୍ତ୍ତନ ସାଙ୍ଗକୁ ଭାଗବତ ପାରାୟଣ ପରିବେଶକୁ ଭକ୍ତିମୟ କରିଥିଲା। ଚଳିତବର୍ଷ ପାଗର ଅନୁକୂଳ ଥିବାରୁ ପ୍ରତ୍ୟେହ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଶେଷ ସନ୍ଧ୍ୟାରେ ଝୁଲଣ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଉଦଣ୍ଡ କୀର୍ତ୍ତନ ପରିବେଶକୁ ମନ୍ତ୍ରମୁଗ୍ଧ କରିଥିଲା। ଏହି କାର୍ଯ୍ୟକ୍ରମକୁ ମଠ ପରିଚାଳନା କମିଟିର ଟ୍ରଷ୍ଟି ହଲଧର ଦାଶଙ୍କ ତତ୍ତ୍ୱାବଧାନରେ ଓଲଡି ଓ ଫକିରାବାଦ ଗ୍ରାମବାସୀଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

### ପତ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଭାଜପାର ଗଣଆନ୍ଦୋଳନ

**ଆଳି, ୩୧।୮ (ବନମାଳୀ ସେନାପତି)**

ରାଜ୍ୟ ସରକାର ଦିନକୁଦିନ ଦୁର୍ନୀତିରେ ଉବୁଟୁବୁ ହେଉଛି। କେନ୍ଦ୍ରରୁ ପଞ୍ଚାୟତ ବିକାଶ ନିମନ୍ତେ ଆସୁଥିବା ଅର୍ଥ ଖର୍ଚ୍ଚ ହୋଇ ଯାଉଥିବା ବେଳେ ଚିତ୍ର କିନ୍ତୁ ବଦଳୁନାହିଁ। ପଞ୍ଚାୟତର ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ମିଳୁ ନ ଥିବା ବେଳେ ଥିଲା ବାଲାଙ୍କୁ ମିଳୁଛି, ସେହିଭଳି ବୟସ ହୋଇ ଯାଉଥିବା ବେଳେ ଭତ୍ତା ପାଇବାରୁ ଅନେକ ହିତାଧିକାରୀ ବଞ୍ଚିତ ହେଉଛନ୍ତି। ଭାଜପା ପକ୍ଷରୁ ଆଳି ବ୍ଲକ ପତ୍ରପୁର ପଞ୍ଚାୟତ ଘେରାଉ କାର୍ଯ୍ୟକ୍ରମରେ ଭାଜପା ନେତାମାନେ ଏହା ପ୍ରକାଶ କରିଛନ୍ତି। ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀ ସଂଯୋଜକ ରଶ୍ମି ରଞ୍ଜନ ବେହୁରାଙ୍କ ନେତୃତ୍ୱରେ ଓବିସି ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ବ୍ରଜ ସୁନ୍ଦର ଭୂୟାଁ, ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଜିଲା ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ସେଠୀ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶନୀ ନନ୍ଦ, ମଣ୍ଡଳ ଉପସଭାପତି ରଞ୍ଜନ କୁମାର ରାଉତ, ପତ୍ରପୁର ପଞ୍ଚାୟତ ସଭାପତି ହିମାଂଶୁ ପରିଡା, ଅଶୋକ ମଲ୍ଲିକ, ହରିହର ମହାରଣା, ବାଣିଭୁଷଣ ସାହୁ, ଲଳିତ ମୋହନ ସାହୁ, ହିମାଂଶୁ ସୁତାର, ରତ୍ନାକର ମଲ୍ଲିକ, ଚକ୍ରଧର ପାତ୍ର, ରତିକାନ୍ତ ମହାନ୍ତି ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଏହି ଗଣ ଆନ୍ଦୋଳନରେ ସାମିଲ ଥିଲେ।

# ରାଜ୍ୟର ପ୍ରଥମ ପୌରାଞ୍ଚଳ ପ୍ରତି ଅବହେଳା

**କେନ୍ଦ୍ରାପଡ଼ା, ୩୧।୮ (ଜଗନ୍ନାଥ ଧଳ)**




- ବଢୁଛି ଲୋକସଂଖ୍ୟା ଓ କଳେବର, ବଢୁନି ପରିସୀମା
- ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ସହ ସୌନ୍ଦର୍ଯ୍ୟକରଣ ଆବଶ୍ୟକ
- ଐତିହ୍ୟକୁ ସୁରକ୍ଷିତ କଲେ ବଢ଼ିବ ପର୍ଯ୍ୟଟକଙ୍କ ସଂଖ୍ୟା

୧୮୮୫ ମେ ୧୮ରେ ଲର୍ଡ ରିପନ ସ୍ୱାୟତ୍ତ ଶାସନ ପ୍ରସ୍ତାବ ଆଗତ କରିଥିଲେ। ଏହା ପୂର୍ବରୁ ଇଂରେଜ ସରକାର ୧୮୫୯ରେ କେନ୍ଦ୍ରାପଡ଼ା ଓ ଯାଜପୁରକୁ ଦୁଇଟି ସବ୍‌ଡିଭିଜନରେ ପରିଣତ କରିଥିଲେ। ଏହାର ଠିକ୍ ୧୦ ବର୍ଷ ପରେ ଅର୍ଥାତ ଓଡ଼ିଶାର ପ୍ରଥମ ମ୍ୟୁନିସିପାଲିଟି କେନ୍ଦ୍ରାପଡ଼ାଠାରେ ୧୮୬୯ ମାର୍ଚ୍ଚ ୧୦ରେ ପ୍ରତିଷ୍ଠା ହୋଇଥିଲା। କେନ୍ଦ୍ରାପଡ଼ା କେବଳ ପ୍ରଥମ ମ୍ୟୁନିସିପାଲିଟି ନୁହେଁ, ଏହି ସହର ଦେଇ ଯାଇଥିବା କେନ୍ଦ୍ରାପଡ଼ା କେନାଲ ରାଜ୍ୟର ପ୍ରଥମ କେନାଲ (୧୮୬୯ ମେ ୨୯) ଭାବେ ମାନ୍ୟତା ପାଇଛି। ସେହିପରି ମହିଳାଙ୍କୁ ଶିକ୍ଷା ଦେବା ପାଇଁ ଇଂରେଜମାନେ ଫେଜର ବାଳିକା ବିଦ୍ୟାଳୟର ପ୍ରତିଷ୍ଠା କରିଥିଲେ। ପ୍ରଥମଥର ପାଇଁ ରାଜ୍ୟରେ ପ୍ରତିଷ୍ଠା ହୋଇଥିବା ସହରର ପୁରୁଣା ବସ୍‌ଷ୍ଟାଣ୍ଡର ଡାଇମଣ୍ଡ ଜୁବୁଲି ପାଠାଗାର ଐତିହାସିକ ସ୍ୱାକ୍ଷର ବହନ କରୁଛି।

ଆଖପାଖ ୬.୪୭ ବର୍ଗ କିଲୋମିଟର ମଧ୍ୟରେ ଥିବା ୧୪ଟି ପଡ଼ାଗ୍ରାମକୁ ନେଇ ଗଠିତ ଏହି ମ୍ୟୁନିସିପାଲିଟିରେ ୧୮୮୭ରେ ଲୋକାଲ ବୋର୍ଡ ଗଠନ ହୋଇଥିଲା। ଏଠାରେ ପ୍ରଥମ ଥର ୱାର୍ଡ କାଉନସିଲର ନିର୍ବାଚନ ୧୯୧୧ରେ ଅନୁଷ୍ଠିତ ହୋଇଥିଲା। ୧୮୮୫-୮୬ରେ ଏହାର ଲୋକସଂଖ୍ୟା ୧୫,୭୧୯ ଥିଲା। ସମ୍ପ୍ରତି ଏହି ମ୍ୟୁନିସିପାଲିଟି ପରିବର୍ଦ୍ଧିତ ହୋଇ ୨୧ ୱାର୍ଡରେ ପରିଣତ ହୋଇଛି। ୬୦ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ସହରର କଳେବର ବଢୁଛି। କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଜମଧରଠାରୁ ଜଗାଙ୍ଗ, ଅପରପକ୍ଷେ ଥିବା ୫୩ (କ) ଜାତୀୟ ରାଜପଥର ଛତାଠାରୁ ହଜାରୀ ଛକ ଯାଏ ସହର ଲମ୍ବି ଗଲାଣି। ଏହାକୁ ହିସାବ ରଖିଲେ ସହରରେ ଏବେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ଓ କଳେବର ବୃଦ୍ଧି ପାଉଥିଲେ ମଧ୍ୟ ପୌରାଞ୍ଚଳର ପରିସୀମା ବୃଦ୍ଧି ପାଉନି। ନିକଟରେ ଏହି ସହରର ପରିସୀମା ବୃଦ୍ଧି ପାଇଁ ପ୍ରସ୍ତାବ ଆଗତ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ କ୍ଷେତ୍ରର ବିକାଶ ସହ ୧୫୪ ବର୍ଷର ଏହି ପୌରାଞ୍ଚଳ ସବୁବେଳେ ଅବହେଳାର ଶିକାର ହୋଇଥିବା ଅଭିଯୋଗ ହେଉଛି। ସହରର ଶିକ୍ଷାନୁଷ୍ଠାନରେ ଶିକ୍ଷକ ଓ କର୍ମଚାରୀ ପଦବୀ ପୂରଣ ଅଭାବ ସହ ଭିତ୍ତିଭୂମିରେ ବହୁ ପଛୁଆ ଅଛି। କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟରେ ପରିଣତ କରିବା ପାଇଁ ସହରବାସୀଙ୍କ ସମେତ ଜିଲାବାସୀ ବହୁବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେହିପରି ଶାମଗୁଡ଼ିଆସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ସତ୍ତ୍ୱେ ଅଦ୍ୟାବଧି ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ମୁତାବକ ସମସ୍ତ ସୁବିଧା ମିଳିନାହିଁ। ଖଡିଅଙ୍ଗସ୍ଥ ପୁରୁଣା ମୁଖ୍ୟ ଚିକିତ୍ସାଳୟ ପରିସରରେ ସିଟି ହସ୍ପିଟାଲ ସ୍ଥାପନ ପାଇଁ ଆନ୍ଦୋଳନ ଅଦ୍ୟାବଧି ଜାରି ରହିଛି। ଆଗାମୀ ଦିନରେ ଏହି ଜିଲାରେ ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ସହ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ପ୍ରତିଷ୍ଠା ହେବ। ଏହାକୁ ଦୃଷ୍ଟିରେ ରଖିଲେ ସହରର ରାସ୍ତା ସମସ୍ୟା ଅଧିକ ଉତ୍କଟ ହେବ। ତିନିମୁହାଁଣୀ ସହରର ମୁଖ୍ୟ ଛକ ହୋଇଥିବା ବେଳେ ଏଠାରେ ସରକାରୀ ଓ ବେସରକାରୀ ଅବରୋଧ ଅଧିକ ହୋଇଛି। ଆସନ୍ତା ୫୦ ବର୍ଷର ସହର ଯୋଜନା ଦୃଷ୍ଟିରୁ ଏଠାରେ ନିର୍ମାଣ ହୋଇଥିବା ସୁଲଭ ଶୌଚାଳୟ, ଆଇ ଲଭ କେନ୍ଦ୍ରାପଡ଼ା, ଭେଣ୍ଡିଂ ଜୋନ ଆଦି ଅପ୍ରାସଙ୍ଗିକ ହୋଇପଡ଼ିବ। ସେହିପରି ନିର୍ମାଣାଧୀନ ଗାନ୍ଧୀ ସ୍ମୃତି ପୀଠର ସ୍ଥାନାନ୍ତର ନିହାତି ଆବଶ୍ୟକ ବୋଲି ବୁଦ୍ଧିଜୀବୀ ସ୍ୱର ଉଠାଇଛନ୍ତି। ବାଇପାସ୍ ରୋଡ ନିର୍ମାଣ ବହୁ ବିଳମ୍ବରେ ଆରମ୍ଭ ହେଉଛି। ମହାଭୋଇ ପୋଖରୀ, ଗୋବରୀ ନଦୀ, କେନାଲରେ ନୌବିହାର, ଫୁଟପାଥ ନିର୍ମାଣ ଓ ଆଲୋକୀକରଣ ସହର ପାଇଁ ଆବଶ୍ୟକ ହୋଇଛି। ସହର ମଧ୍ୟରେ ଥିବା ପାର୍କକୁ ଉପଯୋଗୀ କରିବା ସହ ସହରର ସୌନ୍ଦର୍ଯ୍ୟକରଣରେ ଅପ୍ରଶସ୍ତ ରାସ୍ତା, ବିଦ୍ୟୁତ୍ ଖୁଣ୍ଟ ଆଦି ବାଧା ସୃଷ୍ଟି କରୁଛି।

ଏହି ସହରରେ ବହୁ ଐତିହାସିକ ସ୍ମାରକୀ ଅଛି। ସୂର୍ଯ୍ୟଘଡ଼ି, ପୁରୁଣା ବଳଦେବଜୀଉ ମନ୍ଦିରର ସୁନାକୂଅ, ବାଲାବାବା ମନ୍ଦିର ପରିସରରେ ଥିବା ରାଜାବାବାଙ୍କ ମୂର୍ତ୍ତି ପଛପଟର ସୁଡଙ୍ଗ ଆଦିକୁ ଅଧିକ ଗୁରୁତ୍ୱ ଦିଆଗଲେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ। ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ସ୍ୱରେଜ ସିଷ୍ଟମ, ପଲିଥିନ ବ୍ୟାନ, ରସାବଳୀ ଓ ପୋଟଳି ପିଠାକୁ ଜିଲାର ମିଠା ଭାବେ ସ୍ୱୀକୃତି ଦେବା, ଶ୍ରୀବଳଦେବଜୀଉ ଓ ଅନ୍ୟ ଧାର୍ମିକ ପୀଠସ୍ଥଳକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସହରବାସୀ ସଦାସର୍ବଦା ଆଲୋଚନା କରୁଛନ୍ତି।

# ସମସ୍ତଙ୍କ ସହଯୋଗରେ ପୌରାଞ୍ଚଳ ବିକାଶ ସମ୍ଭବ



କେନ୍ଦ୍ରାପଡ଼ା ଟାଉନ ହଲଠାରେ ଅନୁଷ୍ଠିତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଉପସ୍ଥିତ ବିଧାୟକ ଶଶି ଭୂଷଣ ବେହେରା ଓ ଅନ୍ୟମାନେ।

**କେନ୍ଦ୍ରାପଡା, ୩୧।୮ (ଜଗନ୍ନାଥ ଧଳ)**

**ସ୍ୱାୟତ୍ତ ଶାସନ ଦିବସ**

କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟିର ବିକାଶ ଦ୍ରୁତଗତିରେ ଆଗେଇ ଚାଲିଛି। ରାଜ୍ୟ ସରକାର ଏହି ସହରର ଆର୍ଥିକ, ସାମାଜିକ, ସାଂସ୍କୃତିକ ବିକାଶ ପାଇଁ ଅର୍ଥ ମଞ୍ଜୁର କରୁଛନ୍ତି। ଏହାକୁ ତ୍ୱରାନ୍ୱିତ କରିବାକୁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ୧୫୫ତମ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମୁଖ୍ୟଅତିଥି ବିଧାୟକ ଶଶିଭୂଷଣ ବେହେରା ଏହା କହିଛନ୍ତି। ସହରର ଟାଉନ ହଲଠାରେ ଗୁରୁବାର ଏହା ପାଳନ କରାଯାଇଥିଲା। ପୌରାଧକ୍ଷା ସରିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବେହେରା ଯୋଗଦେଇ କହିଥିଲେ, ପୌରାଞ୍ଚଳର ଲୋକସଂଖ୍ୟା ଓ କଳେବର ବୃଦ୍ଧି ପାଇଛି। ଏହାର ପରିସୀମା ବୃଦ୍ଧି କରାଗଲେ ବର୍ତ୍ତମାନଠାରୁ ପ୍ରାୟ ୨ ଗୁଣା ଲୋକସଂଖ୍ୟା ରହିବେ। ଏହାକୁ ଦୃଷ୍ଟିରେ ରଖାଯାଇ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଆରମ୍ଭ ହୋଇଛି। ବିଭିନ୍ନ ଉନ୍ନୟନ ପ୍ରକଳ୍ପକୁ ତ୍ୱରାନ୍ୱିତ ପାଇଁ ମୁଖ୍ୟଅତିଥି ବିଧାୟକ ବେହେରା ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମତ ରଖିଥିଲେ। ଏହି ସଭାରେ ମୁଖ୍ୟବକ୍ତା ଜିଲା ପରିଷଦ ଅଧ୍ୟକ୍ଷା ଗୀତାରାଣୀ ସେଠୀ, ସମ୍ମାନୀତ ଅତିଥି ଏଡିଏମ୍ ପୀତାମ୍ବର ସାମଲ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପାଧ୍ୟକ୍ଷା ଆକବରୀ ଖାତୁନ, ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ ନିଜର ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳ ପୌରାଞ୍ଚଳର ଆୟ, ବ୍ୟୟ, ଉନ୍ନୟନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ସଭାରେ ପୌରପାଳିକାର ସମସ୍ତ ସଭ୍ୟାସଭ୍ୟ ଓ ସ୍ଥାନୀୟ ଅଧିବାସୀ ଯୋଗ ଦେଇଥିଲେ।

# ବାଇପାସ୍ ଛକରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



ସ୍ୱାୟତ୍ତ ଶାସନ ଦିବସ ପାଳନରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

**ପଟ୍ଟାମୁଣ୍ଡାଇ, ୩୧।୮ (ଅକ୍ଷୟ ବିଶ୍ୱାଳ)**

**ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର ୩୫ତମ ସ୍ୱାୟତ୍ତ ଶାସନ ଦିବସ**

ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର ୩୫ତମ ସ୍ୱାୟତ୍ତ ଶାସନ ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିସହ ପଟ୍ଟାମୁଣ୍ଡାଇ ବାଇପାସ୍ ଛକରେ ଭାରତର ସମ୍ବିଧାନ ପ୍ରଣେତା ଡ. ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିକୁ ବିଧାୟକ ଧ୍ରୁବ ସାହୁ ଉନ୍ମୋଚନ କରିଛନ୍ତି। ବାଇପାସ ଛକକୁ ଆମ୍ବେଡକର ଛକ ଭାବେ ବିଧାୟକ ସାହୁ ଘୋଷଣା କରିଛନ୍ତି। ପୌରାଧକ୍ଷ ହେମନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ଉପାଧ୍ୟକ୍ଷା ଅନୁପ୍ରିୟା ସାହୁ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି ପ୍ରମୁଖ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ କହିଥିଲେ। ପଟ୍ଟାମୁଣ୍ଡାଇରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସରେ ଶିଳାନ୍ୟାସ କରିଥିବା ବେଳେ ୮ କୋଟି ୨ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଖଡିଅଣ୍ଡା ସେତୁଠାରୁ ପଟ୍ଟାମୁଣ୍ଡାଇ ବସ୍‌ଷ୍ଟାଣ୍ଡ ପାଖକୁ ସଂଯୋଗୀକରଣ ରାସ୍ତା ନିର୍ମାଣ, ବିଭିନ୍ନ ୱାର୍ଡର ଗଳିକନ୍ଦି ରାସ୍ତାକୁ ଫେଭର ବ୍ଲକରେ ପରିବର୍ତ୍ତନ କରାଯିବ, ୬ଟି ସ୍ଥାନରେ ଭେଣ୍ଡିଂ ଜୋନ୍ ନିର୍ମାଣ, ପୌରାଞ୍ଚଳରେ ଥିବା ବିଭିନ୍ନ ଜଳାଶୟର ଉନ୍ନତୀକରଣ, କଚେରି ପୋଖରୀ ନିର୍ମାଣ କାର୍ଯ୍ୟ ଶେଷ କରିବା, ପଟ୍ଟାମୁଣ୍ଡାଇ ପୌରାଞ୍ଚଳକୁ ଏକ ଆଦର୍ଶ ପୌରପରିଷଦ କରିବାକୁ ବିଧାୟକ ସାହୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏହି ଅବସରରେ ୨୦ଟି ୱାର୍ଡର କାଉନସିଲରମାନଙ୍କ ସହ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଓ କେତେଜଣ କର୍ମଚାରୀଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଅନ୍ୟମାନେ ଉପସ୍ଥିତ ଥିଲେ।

## ଭାଜପା ପକ୍ଷରୁ କଣ୍ଟପଡ଼ା ପଞ୍ଚାୟତରେ ଗଣଆନ୍ଦୋଳନ

**ରାଜକନିକା, ୩୧।୮ (ସଞ୍ଜୟ କୁମାର ଦାଶ)**

ରାଜକନିକା ଭାଜପା ପକ୍ଷରୁ କଣ୍ଟପଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଗଣ ଆନ୍ଦୋଳନ କରାଯାଇଥିଲା। କଣ୍ଟପଡ଼ା ପଞ୍ଚାୟତରେ ଗୁରୁବାର ଭାଜପା ପକ୍ଷରୁ ରାଜ୍ୟ ସରକାରଙ୍କ ମାତ୍ରାଧିକ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଗଣଆନ୍ଦୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜକନିକା ସଦର ମଣ୍ଡଳ ସଭାପତି ରାଜେନ୍ଦ୍ର ସାମଲଙ୍କ ନେତୃତ୍ୱରେ ଆଳିର ପୂର୍ବତନ ବିଧାୟକ ତଥା ବରିଷ୍ଠ ଭାଜପା ନେତା ଦୋଳଗୋବିନ୍ଦ ନାୟକ, ନିର୍ବାଚନ ମଣ୍ଡଳୀ ସଂଯୋଜକ ରଶ୍ମି ରଞ୍ଜନ ବେହୁରା, ଆଶାଲତା ପଟ୍ଟନାୟକ, ପୂର୍ବତନ ଅଧ୍ୟକ୍ଷ ତଥା ପ୍ରାଧ୍ୟାପକ ବୈକୁଣ୍ଠନାଥ ପରିଡା, ପୂର୍ବ କନିକା ମଣ୍ଡଳ ସଭାପତି ନିହାର ରଞ୍ଜନ ନାୟକ, ପଶ୍ଚିମ କନିକା ମଣ୍ଡଳ ସଭାନେତ୍ରୀ ଅନୁରାଧା ସାମଲ, ଜିଲା ଯିବ ମୋର୍ଚ୍ଚା ଉପସଭାପତି ନିହାର ରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀ ବାଦ ପଡୁଥିବା ବେଳେ, ଦଳୀୟ ଭିତ୍ତିରେ ଚୟନ କରିବା, ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ଟାଳଟୁଳ ନୀତି ଅବଲମ୍ବନ କରିବା, ରାଶନକାର୍ଡରୁ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଉଛି। ଲୋକାଭିମୁଖୀ କେନ୍ଦ୍ରୀୟ ଯୋଜନାର ଅନୁଦାନ ହାଇଯାକ କରା ନ ଯାଇ ଲୋକଙ୍କ ପାଖରେ ପହଞ୍ଚାଇବାର ଆବଶ୍ୟକତା ଅଛି ବୋଲି ଉପସ୍ଥିତ ନେତୃମଣ୍ଡଳୀ କହିଥିଲେ। ଏଥିରେ ବରିଷ୍ଠ ନେତା ବେଣୁଧର ପରିଡା, ନୀଳମଣି ସେନାପତି, ବୈକୁଣ୍ଠ ବେହେରା, ଅରବିନ୍ଦ ଓଝାଙ୍କ ସମେତ ଶତାଧିକ ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ନୃତ୍ୟଗୁରୁ ଭାନୁପ୍ରିୟା ସମ୍ବର୍ଦ୍ଧିତ

**କେନ୍ଦ୍ରାପଡ଼ା, ୩୧।୮ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ବିକାଶ ପରିଷଦ ପକ୍ଷରୁ ଭୁବନେଶ୍ୱରସ୍ଥ ଜୟଦେବ ଭବନ ପରିସରରେ ଗହ୍ମା ପୂର୍ଣ୍ଣିମା ମହୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ କେନ୍ଦ୍ରାପଡ଼ାସ୍ଥିତ ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନ ନୃତ୍ୟଗୁରୁ ଭାନୁପ୍ରିୟା ଖଟୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ମହୋତ୍ସବରେ ସମ୍ମାନିତ ଅତିଥି ଭାବେ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପରିଷଦର ସମ୍ପାଦକ ଚୌଧୁରୀ ଅମିତାଭ ଦାସ, ଉପାଧ୍ୟକ୍ଷ ଅମ୍ବିକା ପ୍ରସାଦ ଦାସ ପ୍ରମୁଖ ଯୋଗ ଦେଇଥିଲେ।




ନୃତ୍ୟଗୁରୁ ଭାନୁପ୍ରିୟା ଖଟୁଆଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

## ମାନନୀୟ ଓଡ଼ିଶା ଗଳ୍ପ ବହି ଲୋକାର୍ପିତ

**ରାଜନଗର, ୩୧।୮ (ଭାସ୍କର ରାଉତରାୟ)**

ଆଧୁନିକ ଓଡ଼ିଆ କଥା ସାହିତ୍ୟର ଖ୍ୟାତି ସମ୍ପନ୍ନ କଥାକାର ପ୍ରଦୀପ ନାୟକଙ୍କ ୮ମ ଗଳ୍ପ ସଂକଳନ ମାନନୀୟ ଓଡ଼ିଶା ଉନ୍ମୋଚନ ହୋଇଯାଇଛି। ପ୍ରସିଦ୍ଧ କଥାକାର, କଥା ପତ୍ରିକାର ସମ୍ପାଦକ ଗୌରହରି ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପୁସ୍ତକକୁ ଉନ୍ମୋଚନ କରିଥିଲେ। ଟାଇମପାସ୍ ପ୍ରକାଶନୀ ଭୁବନେଶ୍ୱର ପ୍ରକାଶିତ ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଦାସ କହିଥିଲେ, ଗଳ୍ପ, ସାହିତ୍ୟ ସବୁବେଳେ ସମାଜ ସହ ରହିଥାଏ। କଳ୍ପନାରେ ସାହିତ୍ୟର ସୃଷ୍ଟି ହେଉଥିଲେ ମଧ୍ୟ ଏହା ଏକ ବିଶ୍ୱସନୀୟ ସତ୍ୟର ଭାବକୁ ଅବତାରଣା କରିଥାଏ। ଗାଳ୍ପିକ ପ୍ରଦୀପଙ୍କ ଗପ ଗୁଡିକ ବହୁ ଲୋକପ୍ରିୟତା ହାସଲ କରିପାରିଛି। ଗ୍ରାମୀଣ ପରିବେଶ, ଚରିତ୍ରକୁ ରୂପ ଦେଲାବେଳେ ସ୍ରଷ୍ଟା ଖୁବ୍ ସମର୍ପିତ ଅନୁଭବ ହୁଏ। ଏକଦା ଗାଳ୍ପିକ ଗୋରୀ କୁମ୍ଭୀରକୁ ନେଇ ଗଳ୍ପ 'ଅମଣିଷ' ଚର୍ଚ୍ଚାର ପରିଧିକୁ ଆସିଥିଲା। ବର୍ତ୍ତମାନ ତାଙ୍କର ଏହି ଅଷ୍ଟମ ଗଳ୍ପ ପୁସ୍ତକ ଦେବକୀଙ୍କ ଅଷ୍ଟମ ଗର୍ଭର ସନ୍ତାନ କୃଷ୍ଣଙ୍କ ପରି ଅନେକ ଖ୍ୟାତି ପାଇବ ବୋଲି କହିଥିଲେ। ଏହି ଲୋକାର୍ପଣ ଉତ୍ସବରେ ଅନ୍ୟତମ ଅତିଥି ଭାବେ କବି ତ୍ରିଲୋଚନ ମହାନ୍ତି ଓ ସମ୍ଭ୍ରାନ୍ତ ପୁସ୍ତକ ପ୍ରକାଶକ ସରୋଜ ବଳ ପ୍ରମୁଖ ଯୋଗ ଦେଇଥିଲେ।



ଅତିଥିମାନେ ମାନନୀୟ ଓଡ଼ିଶା ଗଳ୍ପ ପୁସ୍ତକକୁ ଉନ୍ମୋଚିତ କରୁଛନ୍ତି।

# କେନ୍ଦ୍ରାପଡ଼ା ନିୟନ୍ତ୍ରିତ ବଜାର କମିଟିରେ ନିର୍ବାଚନ ବିଭ୍ରାଟ

**ଡେରାବିଶ, ୩୧।୮ (ବେବର୍ତ୍ତା ଅଜୟ ଦାସ)**

- ଚାଷୀଙ୍କ ମଧ୍ୟରେ ଅସନ୍ତୋଷ
- ଜିଲା ସହକାରୀ ସମବାୟ ନିବନ୍ଧକଙ୍କୁ ଦାୟୀ କଲେ ଚାଷୀ

କେନ୍ଦ୍ରାପଡ଼ା ନିୟନ୍ତ୍ରିତ ବଜାର କମିଟିର ପରିଚାଳନା ନିର୍ଦ୍ଦେଶକ ପଦବୀ ନିମନ୍ତେ ମନୋନୟନ ପତ୍ର ଦାଖଲର ଶେଷ ଦିନ ଗୁରୁବାର ଥିଲା। ନିର୍ବାଚନ ପାଇଁ ଆରଏମ୍‌ସି କର୍ତ୍ତୃପକ୍ଷ ଭୋଟର ତାଲିକା ପ୍ରସ୍ତୁତ କରିବାର ନିୟମ ଥିବା ବେଳେ ଏଥିରେ ବ୍ୟାପକ ଜାଲିଆତି କରାଯାଇଥିବା ଅଭିଯୋଗ ହେଉଛି। ପରିଚାଳନା କମିଟିକୁ ନିଜ ଅଧୀନରେ ରଖିବା ପାଇଁ ଆରଏମ୍‌ସି କର୍ତ୍ତୃପକ୍ଷ ତାଙ୍କୁ ସୁହାଇବା ଭଳି ଭୋଟର ତାଲିକା ପ୍ରସ୍ତୁତ କରିବା ଓ ପ୍ରାର୍ଥୀ ଚୟନ କରିବା କାର୍ଯ୍ୟ ଲୁଚାଛପାରେ କରାଯାଇଛି ବୋଲି କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘର ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର କହିଛନ୍ତି। ମିଶ୍ରଙ୍କ ସୂଚନା ଅନୁଯାୟୀ, ପ୍ରଥମେ ନିର୍ଦ୍ଦିଷ୍ଟ ଏକ ଖବରକାଗଜରେ ପ୍ରକାଶିତ ବିଜ୍ଞାପନ ଜରିଆରେ ଭୋଟର ଲିଷ୍ଟ ପ୍ରସ୍ତୁତ କରିବାର ଶେଷ ତାରିଖ ଜୁଲାଇ ୧୦କୁ ସୂଚନା ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଆରଏମ୍‌ସି ପକ୍ଷରୁ କୌଣସି ଖବରକାଗଜରେ ବିଜ୍ଞାପନ ପ୍ରକାଶ ନ କରି ଲୁଚାଛପାରେ ବୁଧବାର ଛୁଟି ଥିଲେ ମଧ୍ୟ ଚଞ୍ଚକତା କରି ରାତିରେ ଭୋଟର ତାଲିକା ପ୍ରକାଶ କରିଛନ୍ତି। ହେଲେ କୌଣସି ପ୍ରତିଷ୍ଠିତ ଖବରକାଗଜରେ ଏ ସମ୍ପର୍କରେ ଖବର ପ୍ରକାଶ କରିନାହାନ୍ତି କିମ୍ବା ମୁଖ୍ୟ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ଼ରେ ମଧ୍ୟ ମାରିନାହାନ୍ତି ବୋଲି ମିଶ୍ର କହିଛନ୍ତି। କର୍ତ୍ତୃପକ୍ଷଙ୍କ ଏଭଳି ବେଆଇନ ଭାବେ କମିଟିର ସଦସ୍ୟମାନଙ୍କୁ ଅବଗତ ନ କରି ପରିଚାଳନା ନିର୍ଦ୍ଦେଶକ କରାଇ ନେବା ପାଇଁ ଯୋଜନା କରିଥିଲେ। ଏହାକୁ ଚାଷୀ ମୂଲିଆ ସଂଘ ପକ୍ଷରୁ ବିରୋଧ କରାଯାଇ ଗୁରୁବାର ନିୟନ୍ତ୍ରିତ ବଜାର କମିଟି କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରାଯାଇଛି। ତେବେ ଏହାକୁ ସମବାୟ ନିର୍ବାଚନର ନୀତି ଓ ନିୟମ ଅନୁସାରେ ପରିଚାଳନା କରିବାକୁ ଚାଷୀମୂଲିଆ ସଂଘର ସମ୍ପାଦକ କୃତ୍ତିବାସ ଦାସ, ଶରତ ଚନ୍ଦ୍ର ମଲ୍ଲିକ, ମଦନ ମୋହନ ମହାନ୍ତି, ଭରତ ଚରଣ ସିଂ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଅମର ନାୟକଙ୍କୁ ପଚାରିବାରୁ ନିର୍ବାଚନ ସମ୍ବନ୍ଧୀୟ ଯେକୌଣସି ତଥ୍ୟ କେବଳ ଜିଲା ସମବାୟ ନିବନ୍ଧକ ହିଁ ଉତ୍ତର ଦେଇପାରିବେ। ଏ ବିଷୟରେ ନିର୍ବାଚନ ଦାୟିତ୍ୱରେ ଥିବା ଜିଲା ସହକାରୀ ସମବାୟ ନିବନ୍ଧକ ସନ୍ତୋଷ କୁମାର ଦାସଙ୍କୁ ପଚାରିବାରୁ ଏହି ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ଠିକ ଢ଼ଙ୍ଗରେ ଚାଷୀଙ୍କ ସମେତ ଯେଉଁ ବର୍ଗର ବ୍ୟକ୍ତି ଏହି ପରିଚାଳନା କମିଟିରେ ନିର୍ବାଚନ ଲଢ଼ିବେ ସେମାନଙ୍କୁ ନୋଟିସ୍ ଦିଆଯାଇଥିଲା। ତେବେ ନୋଟିସ୍ ବୋର୍ଡ଼ରେ କେଉଁ ପରିସ୍ଥିତିରେ ନୋଟିସ୍ ଲାଗି ନ ଥିଲା। ଚାଷୀମାନେ ସୂଚନା ପାଇ ନ ଥିଲେ ସେ ବିଷୟରେ ସେ ଜାଣନ୍ତି ନାହିଁ। ତେବେ ଏହି ବିଷୟରେ ଚାଷୀଙ୍କ ସହ ଆଲୋଚନା କରାଯାଇ ସମାଧାନ କରାଯିବା ପରେ ଗୁରୁବାର ପରିଚାଳନା ନିର୍ଦ୍ଦେଶକ ପଦବୀ ପାଇଁ ମନୋନୟନ ପତ୍ର ଦାଖଲ କରାଯାଇଛି। ଏହି ନିର୍ବାଚନ ପାଇଁ ସେପ୍ଟେମ୍ବର ୧୩ରୁ ୧୭ ତାରିଖ ମଧ୍ୟରେ ମନୋନୟନ ପତ୍ର ସମ୍ବନ୍ଧରେ ପ୍ରମାଣ ସହ ଆପତି ଓ ଅଭିଯୋଗ ଗ୍ରହଣ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ସେପ୍ଟେମ୍ବର ୧୮ ଓ ୧୯ ତାରିଖରେ ମନୋନୟନ ପତ୍ର ଯାଞ୍ଚ ଓ ୨୨ ତାରିଖରେ ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରାଯିବ। ଏଥିସହ ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ମନୋନୟନ ପତ୍ର ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ସେପ୍ଟେମ୍ବର ୨୬ରୁ ୨୮ ତାରିଖ ମଧ୍ୟରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟରେ ପ୍ରକାଶିତ ହେବ। ଆବଶ୍ୟକ ପଡ଼ିଲେ ଅକ୍ଟୋବର ୧୩ରେ ପରିଚାଳନା ନିର୍ଦ୍ଦେଶକ ପଦବୀ ପାଇଁ ଭୋଟ ଗ୍ରହଣ କରାଯିବ। ସେହିଦିନ ଅପରାହ୍ନରେ ଭୋଟ ଗଣତି କରାଯାଇ ଚୂଡ଼ାନ୍ତ ଫଳାଫଳ ଘୋଷଣା କରାଯିବ ବୋଲି ସେ କହିଛନ୍ତି। ଏହି ନିର୍ବାଚନ ପାଇଁ ଜିଲା ନିୟନ୍ତ୍ରିତ ବଜାର କମିଟି କର୍ତ୍ତୃପକ୍ଷ ଓ ସହକାରୀ ସମବାୟ ନିବନ୍ଧକଙ୍କ ଚଞ୍ଚକତା ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଜିଲାପାଳଙ୍କ ନିକଟରେ ଜିଲା ଚାଷୀ ଶ୍ରମିକ ସଂଘର ସଭାପତି ମିଶ୍ର ଦାବି କରିଛନ୍ତି।

## ସଂକ୍ଷେପରେ

### ସ୍ୱାୟତ୍ତ ଶାସନ ଦିବସରେ ଯୋଗ ଦେଲେନି ଉପାଧ୍ୟକ୍ଷା, କାଉନସିଲର

କୋଦଳା,୩୧।୮ (ଅମିତ କୁମାର ପଟ୍ଟନାୟକ)

କୋଦଳା ଏନଏସିରେ ଗୁରୁବାର ସ୍ୱାୟତ୍ତଶାସନ ଦିବସ ପାଳନକୁ ନେଇ ଅଧ୍ୟକ୍ଷ, ଉପାଧ୍ୟକ୍ଷା ଏବଂ କାଉନସିଲରଙ୍କ ମଧ୍ୟରେ ଥିବା ଅନ୍ତଃକନ୍ଦଳ ପଦାରେ ପଡ଼ିଛି। କାର୍ଯ୍ୟାଳୟ ପରିସରରେ କେବଳ ପତାକା ଉତ୍ତୋଳନ ପାଇଁ ଅଧ୍ୟକ୍ଷ ଏବଂ ଦୁଇଜଣ କାଉନସିଲର ଉପସ୍ଥିତ ଥିବାବେଳେ ଉପାଧ୍ୟକ୍ଷା ରଂଜିତା ସେଠିଙ୍କ ସମେତ ଅନ୍ୟ କାଉନସିଲରମାନେ ଉପସ୍ଥିତ ନ ଥିଲେ। ସ୍ୱାୟତ୍ତ ଶାସନ ଦିବସରେ କୌଣସି ପ୍ରତିଯୋଗିତା ହୋଇନଥିବା ବେଳେ କାର୍ଯ୍ୟାଳୟ ପରିସର ମଧ୍ୟ ସାଜସଜା ହୋଇନାହିଁ। ଏନେଇ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ନାୟକ କହିଛନ୍ତି କାହାର ବ୍ୟକ୍ତିଗତ କାର୍ଯ୍ୟ ଥିବ, ତେଣୁ ସେମାନେ ଆସୁନଥିବେ। ଉପାଧ୍ୟକ୍ଷା ରଂଜିତା ସେଠି କହିଛନ୍ତି ଏନଏସି ପକ୍ଷରୁ ମାତ୍ର ଦୁଇଦିନ ପୂର୍ବରୁ ଚିଠି ହୋଇଥିଲେ ମଧ୍ୟ ନିର୍ବାଚିତ ପ୍ରତିନିଧିଙ୍କୁ କୌଣସି ସମ୍ମାନ ଦିଆଯାଉନାହିଁ। ତେଣୁ ଉକ୍ତ କାର୍ଯ୍ୟକୁ ଗଲିନାହିଁ।

### ବୃକ୍ଷରେ ବାନ୍ଧିଲେ ରାଖି

ବ୍ରାହ୍ମଣୀଗାଁ,୩୧।୮ (ମନୋରଞ୍ଜନ ରଣା)

ବ୍ରାହ୍ମଣୀଗାଁଠାରେ ବନବିଭାଗ ପକ୍ଷରୁ ବନାଞ୍ଚଳ ଅଧିକାରୀ ବିରେନ୍ଦ୍ର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ବନପାଳ ଦୀପକ ରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ବୃକ୍ଷ ସୁ-ରକ୍ଷା ବନ୍ଧନର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ବ୍ରାହ୍ମଣୀଗାଁ ଭିଏସଏସର ସଭାପତି ଚିତ୍ରସେନ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସ୍ଥାନୀୟ ସୟଂସହାୟିକା ଯୋଗ ଦେଇଥିଲେ। ଗ୍ରାମର ସଂଘ ସହାୟିକା ଗୋଷ୍ଠୀର ସଦସ୍ୟମାନେ ବନ ବିଭାଗ ପକ୍ଷରୁ ରୋପଣ କରାଯାଇଥିବା ବୃକ୍ଷକୁ ସୁରକ୍ଷା ଦେବା ନିମନ୍ତେ ରାକ୍ଷୀ ବାନ୍ଧି ଥିଲେ। ଆୟୋଜିତ କାର୍ଯ୍ୟକ୍ରମ ପରିଚାଳନାରେ ଗଦାପୁର ବନପାଳ ସଞ୍ଜୀବ କୁମାର ବେହେରା, କାଟିଙ୍ଗିଆ ବନପାଳ ସରୋଜ ମଙ୍ଗରାଜଙ୍କ ସମେତ ଫାୟାର ସ୍କ୍ୱାର୍ଡ କର୍ମଚାରୀମାନେ ସହଯୋଗ କରିଥିଲେ।

### ଗୁରୁତର ଅବସ୍ଥାରେ ବ୍ୟବସାୟୀ ଉଦ୍ଧାର

ଦାରିଙ୍ଗବାଡି,୩୧।୮ (ଅରୁଣ ସାହୁ)

ଦାରିଙ୍ଗବାଡି ଥାନା ବ୍ରାହ୍ମଣୀଗାଁ ଦାରିଙ୍ଗବାଡି ରାସ୍ତାର ଏକ ଘାଟିରେ ଜଣେ ବ୍ୟବସାୟିଙ୍କୁ ଗୁରୁତର ଅବସ୍ଥାରେ ପୋଲିସ ଉଦ୍ଧାର କରିଛି। ସେ ହେଲେ ଦାରିଙ୍ଗବାଡିର କାଲୁ ପ୍ରଧାନ। କାଲୁଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ସେ ଅଚେତ ହୋଇପଡିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଥିବା ବେଳେ ଗୁରୁତର କାଲୁଙ୍କୁ ପ୍ରଥମେ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ନିଆଯାଇଛି। ତେବେ ଘଟଣାଟି ବିଳମ୍ବିତ ରାତିର ହୋଇଥିବା ପୋଲିସ ଆଶଙ୍କା କରୁଥିବା ବେଳେ କାଲୁଙ୍କୁ କେହି ଆକ୍ରମଣ କରିଛି ନା ସେ ବାଇକରେ ଦୁର୍ଘଟଣାର ଶିକାର ହୋଇଛନ୍ତି ତାଙ୍କର ଚେତା ଆସିବା ପରେ ଜଣାପଡିବ ବୋଲି ପୋଲିସ କହିଛି।

### ବଜ୍ରପାତରେ ୯ ଗୋରୁ ମୃତ

ବେଲଗୁଣ୍ଠା,୩୧।୮ (କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ବଡ଼ପଡ଼ା ପଞ୍ଚାୟତ ଶିରୀକୋଇ ଗ୍ରାମର ଜୟ ଗୌଡ଼ଙ୍କ ୯ଟି ଗୋରୁଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି। ଗୋଟିଏ ବାଛୁରି ଆହତ ହୋଇଛି। ଗୁରୁବାର ଅପରାହ୍ଣରେ ବଜ୍ରପାତ ଯୋଗୁଁ ଏହି ଅଘଟଣ ଘଟିଛି। ଗୋରୁମାନଙ୍କର ମୃତଦେହ ବ୍ୟବଚ୍ଛେଦ କରାଇ ଗଛମୂଳେ ପୋତି ଦିଆଯାଇଥିଲା। ତହସିଲଦାର ମନୋଜ ପ୍ରଭାକର କୁଜୁରଙ୍କୁ ଅବଗତ କରାଯିବ ବୋଲି ପ୍ରାଣୀ ଚିକିତ୍ସକ କହିଛନ୍ତି। ଜୟ ଜଣେ ଗରିବ କୃଷକ ହୋଇଥିବାରୁ ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବ୍ଲକ କଂଗ୍ରେସ ସଭାପତିଙ୍କ ବିୟୋଗରେ ଶୋକ

ଭଞ୍ଜନଗର, ୩୧।୮ (ବାବୁଲା ପ୍ରଧାନ):

ପୂର୍ବତନ ଭଞ୍ଜନଗର ବ୍ଲକ କଂଗ୍ରେସ ସଭାପତି ତଥା ବାରୁଡ଼ା ଗ୍ରାମନିବାସୀ ଭାସ୍କର ପତି (୬୩) ମଙ୍ଗଳବାର ଏକ କାର୍ ଧକ୍କାରେ ଆହତ ହୋଇଥିଲେ। ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ରାତି ପ୍ରାୟ ୨ ଟା ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

# ପ୍ରଦୂଷଣମୁକ୍ତ ସହର ପାଇଁ ଆହ୍ୱାନ

## ପାରଳାଖେମୁଣ୍ଡି ପୌର ପରିଷଦରେ ସ୍ୱାୟତ୍ତ ଶାସନ ଦିବସ

ପାରଳାଖେମୁଣ୍ଡି,୩୧।୮ (ଗିରିଧାରୀ ପରିଚ୍ଛା):

ପାରଳାଖେମୁଣ୍ଡି ପୌରପରିଷଦରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି। ପୌରାଧ୍ୟକ୍ଷା ନିର୍ମଳା ସେଠୀ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ନିର୍ବାହୀ ଅଧିକାରୀ ବନମାଳୀ ଶତପଥୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ପୌରାଧ୍ୟକ୍ଷା ଶ୍ରୀମତୀ ସେଠୀ ସହରବାସୀଙ୍କ ପାଇଁ କରାଯାଇଥିବା ବିକାଶମୂଳକ କାର୍ଯ୍ୟ ଏବଂ ତାର ସଫଳତା ବିଷୟରେ କହିଥିଲେ। ସେହିପରି ନିର୍ବାହୀ ଅଧିକାରୀ ଶତପଥୀ କହିଛନ୍ତି ଯେ ପୌର ପରିଷଦ ପକ୍ଷରୁ ସହରକୁ ପ୍ଲାଷ୍ଟିକ ଓ ପଲିଥିନମୁକ୍ତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯିବା



ପୌର ପରିଷଦ ପକ୍ଷରୁ ଆୟୋଜିତ ସ୍ୱଚ୍ଛତା ଶୋଭାଯାତ୍ରା।

ସହ ସାଧାରଣ ଲୋକଙ୍କୁ ସଚେତନ କରାଯାଇଛି। ଡେଙ୍ଗୁ ରୋଗରୁ ରକ୍ଷା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସ୍ୱାୟତ୍ତ ଶାସନ ଦିବସରେ ସହରକୁ ପ୍ରଦୂଷଣମୁକ୍ତ କରିବା ପାଇଁ ସମସ୍ତ କର୍ମଚାରୀ ନିଜ ଭିତରେ ସମନ୍ୱୟ ରକ୍ଷା କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ ସ୍ଥାନୀୟ ମେଡିକାଲ ନିକଟସ୍ଥ ପୁରୁଣା ପାଟଣା ରୋଡ ଠାରେ ନୂତନ ଭାବେ ନିର୍ମିତ ହୋଇଥିବା ଭେଣ୍ଡିଂ ଜୋନର ଉଦଘାଟନ କରିଥିଲେ। ବିଜୁ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁକ୍ତା ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଏସପି ଏସ ସ୍ୱାତି କୁମାର ପ୍ରମୁଖ ଯୋଗଦେଇ ସ୍ୱାୟତ୍ତ ଶାସନ ଦିବସ ପାଳନର ଉଦ୍ଦେଶ୍ୟ ବିସ୍ତୃତ ଭାବେ କହିଥିଲେ। ପୌରଉପାଧ୍ୟକ୍ଷ ଲେଙ୍କା ମଧୁ, କନିଷ୍ଠ ଯନ୍ତ୍ରୀ ଡି ଯୁଧିଷ୍ଠିର, ବିରଞ୍ଚି ମିଶ୍ର, ଘନଶ୍ୟାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ୮ରୁ ସମୂହ ଛୁଟିରେ ଯିବେ ପ୍ରାଥମିକ ଶିକ୍ଷକ

### ଗୁରୁ ଦିବସ ସୁଦ୍ଧା ଦାବି ପୂରଣ ପାଇଁ ମହଲତ

ନୟାଗଡ଼,୩୧।୮ (ଲୋକନାଥ ମିଶ୍ର)

ଶିକ୍ଷକମାନଙ୍କ ଦାବି ପ୍ରତି ସରକାର ଅଣଦେଖା କରିବା ପ୍ରତିବାଦରେ ପ୍ରାଥମିକ ଶିକ୍ଷକ ସଂଘ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି। ତେବେ ସେପ୍ଟେମ୍ବର ୫ ଗୁରୁ ଦିବସ ଅବ୍ୟବହିତ ପୂର୍ବରୁ ସରକାର ଶିକ୍ଷକମାନଙ୍କ ଦାବି ପୂରଣ ନ କଲେ ୮ରୁ ସମସ୍ତ ବର୍ଗର ଶିକ୍ଷକ ସମୂହ ଛୁଟିରେ ରହିବାକୁ ନିଷ୍ପତ୍ତି ହୋଇଛି। ଜିଲାର ସବୁ ପ୍ରାଥମିକ ଶିକ୍ଷକ ଛୁଟିରେ ଗଲେ ସମସ୍ତ ବିଦ୍ୟାଳୟରେ ତାଲା ଝୁଲିବା ସହିତ ପିଲାମାନଙ୍କ ପାଠ ପଢ଼ା ବନ୍ଦ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି। ଏ ନେଇ ଗୁରୁବାର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ, ନୟାଗଡ଼ ଜିଲା ଶାଖା ପକ୍ଷରୁ ନୟାଗଡ଼ ବିଧାୟକ ଅରୁଣ ସାହୁଙ୍କୁ ଭେଟି ୩ ଦଫା ଦାବିସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଠିକାପ୍ରଥା ଉଚ୍ଛେଦ କରି କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ସହିତ


ପ୍ରାଥମିକ ଶିକ୍ଷକମାନେ ବିଧାୟକ ଅରୁଣ ସାହୁଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଶିକ୍ଷା ସହାୟକମାନଙ୍କ ଠିକା କାର୍ଯ୍ୟକାଳକୁ ନ୍ୟାଶନାଲ ଇନକ୍ରିମେଣ୍ଟ ପ୍ରଦାନ କରି ମୂଳ ଚାକିରୀରେ ଗଣନା କରିବାକୁ ଦାବି ରହିଛି। ସେହିଭଳି ଏକ୍ସ କ୍ୟାଡର, କଳା ଏବଂ କ୍ରୀଡ଼ା ଶିକ୍ଷକମାନଙ୍କୁ ନିୟମିତ ଶିକ୍ଷକର ମାନ୍ୟତା ପ୍ରଦାନ କରିବା, ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଏବଂ ନୂତନ ପେନସନ ପ୍ରଥା ଉଚ୍ଛେଦ କରି ପୁରୁଣା ପେନଶନ ବ୍ୟବସ୍ଥା ପୁନଃ ପ୍ରଚଳନ କରିବା ଆଦି ଅନୁରୂପ ଦାବି ରହିଛି। ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଭକ୍ତ ରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ବିଭିନ୍ନ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷକ ନେତା ଶେଖ ଅବଦୁଲ ଖାଲିକ, ଲକ୍ଷ୍ମୀଧର ସାହୁ, ପୀତବାସ ପ୍ରଧାନ, ସୁରେଶ ଚନ୍ଦ୍ର ସେଠୀ, ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ,ସନ୍ତୋଷ ସାହୁ,ଉମେଶ ସ୍ୱାଇଁ, ଶରତ ପାଳ, ଚିତ୍ତରଞ୍ଜନ ଦାଶ ପ୍ରମୁଖ ସାମିଲ ହୋଇ ବିଧାୟକ ସାହୁଙ୍କୁ ଶିକ୍ଷକମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇ ଦାବି ଉପସ୍ଥାପନ କରିଥିଲେ।

## 'ଛତ୍ରପୁର ସହରର ରୂପରେଖ ବଦଳିଛି'

ଛତ୍ରପୁର,୩୧।୮ (ସନ୍ତୋଷ ପାଢ଼ୀ)

ଛତ୍ରପୁର ଏନ୍ଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନଙ୍କ ପୌରହିତ୍ୟରେ ପାଳନ ହୋଇଯାଇଛି। ଏଥିରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଜିଲା ସଦର ମହକୁମା ଛତ୍ରପୁର ସହରର ରୂପରେଖ ବଦଳିଛି। ସହରର ବିକାଶ ଓ ସହରବାସୀଙ୍କ ମୌଳିକ ସୁବିଧା ପାଇଁ ରାଜ୍ୟ ସରକାର ହାତ ଖୋଲି ଖର୍ଚ୍ଚ କରୁଛନ୍ତି। ଯୋଜନା ଗୁଡିକର ସଫଳ ରୂପାୟନ ପାଇଁ ଜନପ୍ରତିନିଧିମାନଙ୍କୁ ସହରବାସୀଙ୍କ ସମ୍ପୂର୍ଣ୍ଣ ସହଯୋଗ ରହିବା ଦରକାର। ଅଧ୍ୟକ୍ଷା ପ୍ରଧାନ ଛତ୍ରପୁର ସହର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସହରବାସୀଙ୍କ ଆଶୀର୍ବାଦ କାମନା କରିଥିଲେ। ଉପାଧ୍ୟକ୍ଷ ଜି.ପାପା ରାଓ କହିଥିଲେ, ଛତ୍ରପୁର ସହରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମୁକ୍ତା ଯୋଜନା ମାଧ୍ୟମରେ ୩ଟି ପର୍ଯ୍ୟାୟରେ ୫ କୋଟି ୨୦ ଲକ୍ଷ ଅନୁଦାନ ଦେଇସାରିଲେଣି, ସହର ବିକାଶ ଦିଗରେ ଅନୁଦାନର ଅଭାବ ନାହିଁ ବୋଲି କହିଥିଲେ।


ବିଧାୟକ ଓ ଅନ୍ୟମାନେ ଉପସ୍ଥିତ।

ଛତ୍ରପୁରକୁ ପୌରପାଳିକା ମାନ୍ୟତା ନିମନ୍ତେ ୫-ଟି ସଚିବଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦରଖାସ୍ତ ପ୍ରଦାନ କରାଯାଇଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନୀଳମାଧବ ଭୋଇ, ଛତ୍ରପୁର ସହର ବିକାଶ ଜନସାଧାରଣ, ଜନପ୍ରତିନିଧି ଏବଂ ପ୍ରଶାସନର ମିଳିତ ଉଦ୍ୟମରେ ସମ୍ଭବ ହୋଇପାରିବ ବୋଲି କହିଥିଲେ। ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ଶତପଥୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ସ୍କୁଲ ଏବଂ କଲେଜ ସ୍ତରରେ ହୋଇଥିବା ସମସ୍ତ କୃତୀ ପ୍ରତିଯୋଗିତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ୧୧ ନଂ ୱାର୍ଡର ଏକାମ୍ରନଗର ସାହିରେ ଓପେନ ଜିମ ସହିତ ନୂତନ ପାର୍କ, ୧୨ ନଂ ୱାର୍ଡର କଳ୍ପବାସୀନଗର ସାହିର ନୂତନ ପାର୍କ, ଡିଆରଡିଏ ଅଫିସ ସମ୍ମୁଖ ନଟରାଜପ୍ରତିମୂର୍ତ୍ତି, ଏଲଆଇସି କଲୋନୀ ସମ୍ମୁଖ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ଜନସାଧାରଣଙ୍କ ନିମନ୍ତେ ଷ୍ଟାଡିୟମ ପରିସରରେ ଓ ୯ନଂ ୱାର୍ଡର ଅରବିନ୍ଦ ସ୍କୁଲ ମୁଖ୍ୟରାସ୍ତା ପାଶ୍ୱରେ ଶୌଚାଳୟର ଉଦ୍‌ଘାଟନ ହୋଇଥିଲା।

## ବାଲ୍ୟ ବିବାହ, ଶିଶୁ ଶ୍ରମିକ ଦୂରୀକରଣ ପ୍ରଶିକ୍ଷଣ

ବ୍ରାହ୍ମଣୀଗାଁ, ୩୧।୮ (ମନୋରଞ୍ଜନ ରଣା)

ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀଗାଁ ପଞ୍ଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ପ୍ରେମ ଏଡୁକୋ ସହାୟତାରେ ବୁଧବାର ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ଦୂରୀକରଣ ନିମନ୍ତେ ଧାର୍ମିକ ନେତାମାନଙ୍କୁ ନେଇ ଏକ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତାଲିମ ଦାତା ଭାବେ ଅନୁଷ୍ଠାନର କ୍ଷେତ୍ର ସଂଯୋଜକ ରସେନ୍ତ ପାଲଟା ସିଂ ଓ ତାଙ୍କ ସହଯୋଗୀ ଜିତେନ୍ଦ୍ର ସିଂ ଯୋଗ ଦେଇ ତାଲିମ ପ୍ରଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ(ସିଆର୍‌ସିଡ଼ିସି) କ୍ଷେତ୍ର ସଂଯୋଜକ ପ୍ରଶାନ୍ତ ନାୟକ, ଗୋଷ୍ଠୀ ସଜ୍ଜିକରଣ ଅଧିକାରୀ ଦିବ୍ୟ ସିଂହ ସଭାସୁନ୍ଦର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ଗ୍ରାମାଞ୍ଚଳରେ କମ ବୟସର ପୁଅ, ଝିଅମାନେ ବିଭିନ୍ନ ପ୍ରଲୋଭନରେ ପଡ଼ି ଓ ଶିକ୍ଷାର ଅଭାବ ହେତୁ ବାଲ୍ୟ ବିବାହ କରୁଥିବା ବେଳେ, ପିତା ମାତାଙ୍କ ଦୟନୀୟ ପରିସ୍ଥିତି ଯୋଗୁ ଅଧାରେ ପାଠ ପଢା ଛାଡ଼ି ଶିଶୁ ଶ୍ରମିକ ଭାବେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି, ଏତଦ ବ୍ୟତୀତ ଏହି ଅଞ୍ଚଳରୁ ଅନେକ ଯୁବକ ଯୁବତୀ ଦାଦନ ଖଟି ରୋଜଗାର କ୍ଷମ ହେବାକୁ ରାଜ୍ୟ ବାହାରକୁ ଚାଲି ଯାଉଛନ୍ତି। ଏ ସମସ୍ତ ବିଷୟରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ନିଜ ଗ୍ରାମ ତଥା ଅଞ୍ଚଳରେ ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ଦୂରୀକରଣ ନିମନ୍ତେ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଧାର୍ମିକ ନେତାମାନେ ସଙ୍କଳ୍ପ ନେଇଛନ୍ତି।

## ଗଛରେ ପିଟିଲା ବାଇକ, ଯୁବକ ଗୁରୁତର

ଫିରିଙ୍ଗିଆ,୩୧।୮ (ବିକ୍ରମ ଦିଗାଲ)

ଫିରିଙ୍ଗିଆ ବ୍ଲକ କେଳାପଡା ପଞ୍ଚାୟତ ଗୁରୁପଡାଠାରୁ ଜୟଲମ୍ବା ଯାଇଥିବା ରାସ୍ତା ଗୁରୁପଡା ଛକ ନିକଟରେ ଗୁରୁବାର ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଗୁରୁପଡା ଗାଁର କମଳା କାନ୍ତ ଦଳ ବେହେରା(୪୦)। ଅପରାହ୍ଣରେ କମଳା ଜୟଲମ୍ବା ଗାଁରୁ ବାଇକ ଯୋଗେ ଫେରୁଥିବା ବେଳେ ଗୁରୁପଡା ଛକ ନିକଟରେ ଗୋଟିଏ ଗଛରେ ପିଟି ହୋଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଫିରିଙ୍ଗିଆ ମେଡିକାଲରେ ଭର୍ତ୍ତି କରିଥିଲେ।

## ବୃକ୍ଷକୁ ରାଖୀ ବାନ୍ଧିଲେ ଛାତ୍ରୀ, ଯୁବତୀ

ଖଣ୍ଡପଡ଼ା,୩୧।୮ (ଅଜୟ କୁମାର ମହାରଣା)

ଘରେ ଘରେ ରାଖୀ ବନ୍ଧନ ଆନନ୍ଦ ଉଲ୍ଲାସ ସହକାରେ ଗୁରୁବାର ପାଳିତ ହୋଇ ଯାଇଛି। ସିଧାମୂଳାସ୍ଥିତ ଗୋକୁଳାନନ୍ଦଙ୍କ ପୀଠରେ ପ୍ରଭୁ ଗୋକୁଳାନନ୍ଦ ଓ ପାର୍ଶ୍ୱ ଠାକୁରଙ୍କ ରକ୍ଷାସୂତ୍ର ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଠାକୁରଙ୍କ ସମସ୍ତ ଦେବ ନୀତି ସମ୍ପନ୍ନ ପରେ ଠାକୁରମାନଙ୍କୁ ନବ ବସ୍ତ୍ର ପରିଧାନ କରାଯାଇ ଏହି କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ରକ୍ଷା ବନ୍ଧନ ଅବସରରେ ସ୍ଥାନୀୟ ଅଞ୍ଚଳ ଚଳ ଚଞ୍ଚଳ ହୋଇ ଉଠିଥିଲା। ଝିଅମାନେ ସେମାନଙ୍କ ଭାଇମାନଙ୍କ ହାତରେ ରାଖୀ ବାନ୍ଧି ଖୁସି ମନାଉଥିବା ବେଳେ ଆଉ କେତେକ ଦୂର ସମ୍ପର୍କୀୟ ଭାଇମାନଙ୍କ ହାତରେ ରାଖୀ ବାନ୍ଧି ସମ୍ପର୍କ ଯୋଡୁଥିବା ପରିଲକ୍ଷିତ ହେଉଥିଲା। ଅପରପକ୍ଷେ ବୃକ୍ଷ ବଞ୍ଚିଲେ ଆମେ ବଞ୍ଚିବା, ସାଂପ୍ରତିକ ପରିସ୍ଥିତିରେ ପରିବେଶ ସୁରକ୍ଷାରେ ବୃକ୍ଷର ଗୁରୁତ୍ୱ ଅଧିକ ଏବଂ ଜଗତର କଲ୍ୟାଣ ନିମନ୍ତେ ବହୁ ଛାତ୍ରୀ, ଯୁବତୀ ବିଭିନ୍ନ ଗଛରେ ରାଖୀ ବାନ୍ଧି ଥିଲେ। ଛାତ୍ରୀମାନେ କହିଛନ୍ତି, ମାନବ ସମାଜ ପାଇଁ ଭାଇଠାରୁ ଅଧିକ ଗୁରୁତ୍ୱ ରହିଛି ବୃକ୍ଷର। ଗଛ ବଞ୍ଚିଲେ ଆମେ ତିଷ୍ଠି ରହିପାରିବା। ସେହିପରି ବ୍ରାହ୍ମଣ ପୁରୋହିତମାନେ ଜଜମାନ ହାତରେ ରଙ୍ଗୀନ ସୂତା ଗୁଡାଇ ଆର୍ଶୀବାଦ ପ୍ରଦାନ ସହ ଭଲ ଦି'ପଇସା ରୋଜଗାର କରିଥିଲେ। ବିଶେଷକରି ଈଶ୍ୱରୀୟ ବ୍ରହ୍ମା କୁମାରୀମାନେ ଘରକୁ ଘର ବୁଲି ଭାଇମାନଙ୍କ ହାତରେ ରାଖୀ ବାନ୍ଧିଥିଲେ।

## ୧୬୭ଙ୍କୁ ଭତ୍ତା ବାଣ୍ଟିଲେ ବିଧାୟକ


ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଉପସ୍ଥିତ ନେତୃବୃନ୍ଦ।

କବିସୂର୍ଯ୍ୟନଗର,୩୧।୮ (କୃପାସିନ୍ଧୁ ସ୍ୱାଇଁ):

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଏନଏସିରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି। ଏହି ଅବସରରେ ଅଧ୍ୟକ୍ଷା ଏସ. ଲକ୍ଷ୍ମୀ ସେଠି ଜାତୀୟ ପତାକା ଉତ୍ତୋଳନ କରିବା ସହ ଗଣତନ୍ତ୍ର ରାଷ୍ଟ୍ରରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଉପରେ ଲୋକଙ୍କୁ ଉଦବୋଧନ ଦେଇଥିଲେ। ସେହିପରି ଉପାଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ ଏନଏସି ପରିଚାଳନା ବ୍ୟବସ୍ଥା ଉପରେ ମତ ରଖି ସହର ବିକାଶ କ୍ଷେତ୍ରରେ ଲୋକଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ ସହର ବିକାଶ ପାଇଁ ମୋ ସରକାରର ବିଭିନ୍ନ ବିକାଶମୂଳକ ଯୋଜନାର ସଫଳ ରୂପାୟନ ଉପରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ କାଉନ୍‌ସିଲର ବିପିନ ବିହାରୀ ଶତପଥି ସଭାପତିତ୍ୱ କରି ସ୍ୱାୟତ୍ତ ଶାସନ ସଂସ୍ଥା ଓ ଲୋକଙ୍କ ମଧ୍ୟରେ ଅଧିକାର, କର୍ତ୍ତବ୍ୟ ଉପରେ ସଚେତନ କରିଥିଲେ। ବିଧାୟିକା ଲତିକା ପ୍ରଧାନ ଯୋଗଦେଇ ସଫେଇ କର୍ମଚାରୀଙ୍କୁ ନୂତନ ପୋଷାକ ବଣ୍ଟନ ସହ ୧୬୭ ଜଣ ନୂଆ ଭତ୍ତା ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ।

## ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟିତ



ମଞ୍ଚାସୀନ ଅତିଥି।

ପୁରୁଷୋତ୍ତମପୁର ୩୧।୮ (ସିମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁର ଏନ୍ଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ ପୌରୋହିତ୍ୟ କରିଥିଲେ। ପ୍ରଥମେ ଏନ୍ଏସି କାର୍ଯ୍ୟାଳୟ ପରିସରରରେ ପତାକା ଉତ୍ତୋଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଆସିକା ଏମ୍‌ପି ପ୍ରତିନିଧି ପ୍ରେମାନନ୍ଦ ସାହୁ, ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, କାଉନସିଲର ଅଶୋକ କୁମାର ମହାଙ୍କୁଡ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦଘାଟନ କରିଥିଲେ। ସହରର କନକାଠାରୁ କୁମାରୀ ପର୍ଯ୍ୟନ୍ତ ଲଗାଯାଇଥିବା ୧୧୦ଟି ସିସି କ୍ୟାମେରାକୁ କାର୍ଯ୍ୟକ୍ଷମ କରାଯାଇଥିଲା। ସେହିପରି ଜିଲାରେ ପ୍ରଥମ କରି ପୁରୁଷୋତ୍ତମପୁର କାଳୀମନ୍ଦିର ଛକଠାରେ ଶହେ ଫୁଟ ଉଚ୍ଚତା ବିଶିଷ୍ଟ ଏକ ଜାତୀୟ ପତାକା ଲଗାଯାଇଥିଲା। ଏହାସହ ମିଶନଶକ୍ତି କାଫେ ଇତ୍ୟାଦି ବହୁ ଉନ୍ନୟନ ମୂଳକ କାର୍ଯ୍ୟର ଉଦଘାଟନ କରାଯାଇଥିଲା। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି, ବରିଷ୍ଠ ନାଗରିକ, ମିଶନ ଶକ୍ତି ଏବଂ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିବା ସହ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। କେତେଜଣ କାଉନ୍‌ସିଲର ଏନଏସି ପକ୍ଷରୁ ସେମାନଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ କରି ମଞ୍ଚ ତଳେ ବସି ପ୍ରତିବାଦ କରଥିବା ଦେଖାଯାଇଥିଲା।

## ଶ୍ରେଷ୍ଠ ସହରାଞ୍ଚଳ କରିବାକୁ ଆହ୍ୱାନ


ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଆୟୋଜିତ ସଭାରେ ଉପସ୍ଥିତ ଅତିଥି।

ହିଞ୍ଜିଳିକାଟୁ, ୩୧।୮ (ଦ୍ୱିତୀକୃଷ୍ଣ ପଣ୍ଡା):

ହିଞ୍ଜିଳିକାଟୁ ମୁନିସିପାଲଟି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି। ପୌର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା, ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା, ସମସ୍ତ କାଉନସିଲର ଓ ପୌର କର୍ମଚାରୀ ଉପସ୍ଥିତ ଥିଲେ। ପରେ ସ୍କୁଲ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀଙ୍କ ଦ୍ୱାରା ସ୍ୱଚ୍ଛତା ସଚେତନତା ରାଲି ଆୟୋଜିତ ହୋଇଥିଲା। ମିନି ଷ୍ଟାଡିୟମରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ହିଞ୍ଜିଳିକାଟୁ ସହରାଞ୍ଚଳକୁ ରାଜ୍ୟର ଶ୍ରେଷ୍ଠ ସହରାଞ୍ଚଳ କରିବା ପାଇଁ ଜିଲାପାଳ ପରିଡ଼ା ଆହ୍ୱାନ ଦେଇଥିଲେ।

## ମିଳିମିଶି କାମ କଲେ ସହରର ଉନ୍ନତି ସମ୍ଭବ

ଗଞ୍ଜାମ,୩୧।୮ (ବିଦ୍ୟାଧର ସାହୁ)

ଗଞ୍ଜାମ ଏନ୍ଏସି ପକ୍ଷରୁ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମ ପରିସରରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏନ୍ଏସି ଅଧ୍ୟକ୍ଷା ପ୍ରତିଭା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ କୃଷି ନିର୍ଦ୍ଦେଶକ ରାମଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସହରକୁ ବିକାଶ ପଥରେ ଆଗେଇ ନେଇଛି ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଏଥିସହ ମିଳିମିଶି କାମ କଲେ ସହରର ଉନ୍ନତି ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଏନ୍ଏସି ଇଓ ଅବିନାଶ ମିଶ୍ର ଅତିଥି ଓ ଜନ ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ ସହରର ବିକାଶ ନେଇ



ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉପାଧ୍ୟକ୍ଷ ସୁରେନ୍ଦ୍ର କୁମାର ବାରିକି, ବିଆରସିସି ବିଜୟ ବେହେରା, ସମସ୍ତ କାଉନସିଲର ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟର ବିଜୟୀ ଟିମ୍ ପ୍ରେସ ଏକାଦଶକୁ ଚମ୍ପିୟାନ ଟ୍ରଫି ଓ ଗଞ୍ଜାମ ଏନ୍ଏସି ଏକାଦାଶକୁ ରନର୍ସ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିସହ ଦୁଃସାହସିକ ସମୁଦ୍ର ଖେଳାଳି ମାନସ୍ୱିନୀ ମହାରଣା, ନୂତନ ଭାବେ ଓଏଏସ ପାଇଥିବା ଅନିଲ ବିଷୋୟୀ ଏବଂ ବରିଷ୍ଠ ନାଗରିକ ଲିଙ୍ଗରାଜ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ପଣ୍ଡା ସଂଯୋଜନା କରିଥିଲେ। ଆକାଉଣ୍ଟାଣ୍ଟ ଦୀପ୍ତି ରଞ୍ଜନ ପୃଷ୍ଟି, ସିଏମଏମ ଭାଗ୍ୟଶ୍ରୀ ନାୟକ, କନିଷ୍ଠ ସହାୟକ କମଳା କାନ୍ତ ଦାଶ, ମୁକ୍ତା ପ୍ରୋଜେକ୍ଟ କୋ- ଅଡିନେଟର ଚିନ୍ମୟ ରଞ୍ଜନ ପୃଷ୍ଟି, ଜୁନିୟର କନିଷ୍ଠ ପରିମେଳ ବିଶେଷଜ୍ଞ ସୁମିତ କୁମାର ବେହେରା, ଆସିଷ୍ଟାଣ୍ଟ ଟାକ୍ସ କଲେକ୍ଟର ପ୍ରଭାତ ମହାପାତ୍ର, ଅଜୟ ପଣ୍ଡା, ବିରେନ ମହାପାତ୍ର, ମହେନ୍ଦ୍ର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଯାଜପୁର ସହରର ପ୍ରଶାସନିକ ଭବନ ପଡ଼ିଆଠାରେ ଅନୁଷ୍ଠିତ ୫-ଟି ସଚିବଙ୍କ ସଭାରେ ଯୋଗଦେଇଥିବା ମହିଳା ଓ ଅନ୍ୟମାନେ।

# ଅଭିଯୋଗପତ୍ର ଗ୍ରହଣ କଲେ ୫-ଟି ସଚିବ

- ଯାଜପୁର ସଭାରେ ସର୍ବାଧିକ ଜନସମାଗମ
- ଯୋଗଦେଲେ ୫୦ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ
- ୭ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିବେ
- ସହର ଲୋକାରଣ୍ୟ, ୨ ଘଣ୍ଟା ଟ୍ରାଫିକ୍ ଜାମ୍

**ଯାଜପୁର ଟାଉନ,୩୧।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**


ବିଞ୍ଝାରପୁର ଗସ୍ତରେ ଯାଇ ବାବା ବରୁଣେଶ୍ୱରଙ୍କୁ ଦର୍ଶନ କରି ଫେରୁଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

ଯାଜପୁର ଜିଲାକୁ ଗୁରୁବାର ୨ୟ ଥର ପାଇଁ ଗସ୍ତକରି କରିଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ। ସେ ଯାଜପୁର ସହରର ପ୍ରଶାସନିକ ଭବନ ପଡ଼ିଆଠାରେ ଅନୁଷ୍ଠିତ ସଭାରେ ଯୋଗଦେଇ ଲୋକଙ୍କଠାରୁ ଅଭିଯୋଗପତ୍ର ଗ୍ରହଣ କରିଛନ୍ତି।

ପ୍ରଥମେ 'ଜୟ ଜଗନ୍ନାଥ', 'ଜୟ ମା'ବିରଜା' କହି ପାଣ୍ଡିଆନ ଭାଷଣ ଆରମ୍ଭ କରିଥିଲେ। ଯାଜପୁର ଲୋକଙ୍କ ଏତେ ଭଲ ପାଇବା ଦେଖି ଭାଷା ପ୍ରକାଶ କରିବା ପାଇଁ ତାଙ୍କ ପାଖରେ ଶବ୍ଦ ନାହିଁ ବୋଲି କହିଥିଲେ। ଆଜି ପର୍ଯ୍ୟନ୍ତ ଓଡ଼ିଶାରେ ଯେତେଗୁଡ଼ିଏ ସଭା ହୋଇଛି ଯାଜପୁରରେ ସର୍ବାଧିକ ଲୋକ ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ମୋତେ ଆପଣମାନଙ୍କ ସୁଖଦୁଃଖ ବୁଝିବା ପାଇଁ ପଠାଇଛନ୍ତି। ଯାଜପୁର ଜିଲାରେ ମନ୍ଦିର, ମସଜିଦ୍, ଚର୍ଚ୍ଚ ଓ କମ୍ୟୁନିଟି ସେଣ୍ଟରଗୁଡ଼ିକର ଉନ୍ନତି ପାଇଁ ଯେତେ ଲୋକ ଦାବି କରିଛନ୍ତି ୭ ଦିନ ମଧ୍ୟରେ ସେଗୁଡ଼ିକ ପାଇଁ ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରି ପଠାଇବେ। ସେଗୁଡିକ ଠିକ୍ ଓ ସ୍ୱଚ୍ଛ ଢ଼ଙ୍ଗରେ କାର୍ଯ୍ୟ କରିବାକୁ ସେ ଅନୁରୋଧ କରିଛନ୍ତି। ଯାଜପୁର ସବୁବେଳେ ଭଲ କାମ କରିଛି, ଏଥର ମଧ୍ୟ ଭଲ କାମ କରିବ ବୋଲି ମୋର ଆଶା। ଅନ୍ୟ ଯେଉଁ ଦରଖାସ୍ତଗୁଡ଼ିକ ଆସିଛି ସେଗୁଡିକୁ ଜିଲା ପ୍ରଶାସନ ୧ ମାସ ମଧ୍ୟରେ ସମାଧାନ କରି ଉତ୍ତର ରଖିବେ ବୋଲି ପାଣ୍ଡିଆନ ପ୍ରକାଶ କରିଛନ୍ତି। ଦରଖାସ୍ତରେ ଯେଉଁ ମାନେ ଫୋନ୍ ନମ୍ବର ଦେଇଛନ୍ତି ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ସେମାନଙ୍କୁ ଫୋନ୍‌କଲ ଆସିବ ବୋଲି ସେ କହିଛନ୍ତି।

୨୦୦୧ରୁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବାପରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମିଶନ ଶକ୍ତି ଗଠନ କରିଥିଲେ। ଓଡ଼ିଶା ଏକ ସଶକ୍ତ ରାଜ୍ୟ ରୂପେ ପରିଗଣିତ ହେବାକୁ ହେଲେ, ମହିଳାଙ୍କୁ ଆଗକୁ ବାହାର କରି ସେମାନଙ୍କୁ ନିଜ ଗୋଡ଼ରେ ଠିଆ କରିବା ପାଇଁ ତାଲିମ ଦେବା ସହ ମହାଜନ ଘରକୁ ନ ଯାଇ ତାଙ୍କୁ ବ୍ୟାଙ୍କରୁ ଋଣ ନେବାକୁ ସୁଯୋଗ ସୃଷ୍ଟି କରିବା, ବ୍ୟବସାୟ କରି ସେମାନେ ରୋଜଗାର କରି ପରିବାର ଉନ୍ନତିରେ ସାହାଯ୍ୟ କରିପାରିଲେ ଓଡ଼ିଶାର ଉନ୍ନତି ହେବବୋଲି ପାଣ୍ଡିଆନ ତାଙ୍କ ବକ୍ତବ୍ୟରେ କହିଥିଲେ। ମିଶନ ଶକ୍ତି ଏବେ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ ବରଂ ଏହାଏକ ସାମାଜିକ ଆନ୍ଦୋଳନ ବୋଲି କହିବା ସହ ଏଥିରେ ୭୦ଲକ୍ଷ ମା'ମାନେ ଅଛନ୍ତି ବୋଲି ପ୍ରକାଶ କରିଥିଲେ। ଯାଜପୁର ଜିଲାରେ ମିଶନ ଶକ୍ତି ଜରିଆରେ ୫୪୦ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଥିବାବେଳେ ଚଳିତ ବର୍ଷ ୩ଶହ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୫ଲକ୍ଷ ଟଙ୍କା ବିନା ସୁଧରେ ଋଣ ପ୍ରଦାନ କରାଯାଇଥିବାବେଳେ ଆଗାମୀ ଦିନରେ ସେମାନଙ୍କୁ ୧୦ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯିବ ବୋଲି ପାଣ୍ଡିଆନ କହିଛନ୍ତି।

ଜିଲାର ଯେଉଁ ଗ୍ରାମ କିମ୍ବା ସାହିରେ ସରକାରୀ ଗୃହ ପଡ଼ି ରହିଥିବା ସୂଚନା ପ୍ରଦାନ କଲେ ମାଗଣାରେ ସେଗୁଡ଼ିକ ମରାମତି କରାଯିବା ସହ ସେହି ଗୃହ ମିଶନଶକ୍ତିକୁ ଦିଆଯିବ। ସେଥିରେ ମିଶନ ଶକ୍ତିର ମହିଳାମାନେ ବ୍ୟବସାୟ କରିପାରିବେ, ସଭା କରିପାରିବେ, ସେମାନଙ୍କ ଏକ ସମ୍ପତ୍ତି ହୋଇ ରହିବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ବିଏସ୍‌କେୱାଇ କରି ମହିଳାଙ୍କ ସ୍ୱାସ୍ଥ୍ୟ ପାଇଁ ୧୦ଲକ୍ଷ ଓ ପୁରୁଷଙ୍କ ପାଇଁ ୫ ଲକ୍ଷ ଟଙ୍କା ଯୋଗାଇ ଦେବା ଏକ ଐତିହାସିକ ପଦକ୍ଷେପ ବୋଲି ସେ ପ୍ରକାଶ କରିଛନ୍ତି। ଜିଲାରେ ସବୁ ଯୁକ୍ତ ୨ ଓ ଯୁକ୍ତ ୩ ମହାବିଦ୍ୟାଳୟକୁ ୫-ଟିରେ ସାମିଲ କରାଯାଇଛି। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ମନ୍ଦିରର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ଅର୍ଥ ଯୋଗାଇ ଦେଇଥିବାବେଳେ ଏହି କାର୍ଯ୍ୟ ଜୋରଦାର ଚାଲୁ ରହିଛି। ଯାଜପୁର ସପ୍ତମାତୃକା ମନ୍ଦିର ନିକଟରେ ୧୭୦କୋଟି ଟଙ୍କା ବ୍ୟୟରେ ଓଡ଼ିଶାର ପ୍ରଥମ ଜଳସଂରକ୍ଷଣ ବ୍ୟବସ୍ଥା କରାଯାଇଛି। କୋଚିଲା ପାଖରେ ଏକ ବ୍ରିଜ ସହ ବୈତରଣୀ ନଦୀ ଦୋବାବିଲଠାରେ ୨୦୧ କୋଟି ଟଙ୍କାର ଏକ ବ୍ୟାରେଜ କରାଯାଇ ଜଳ ସଂରକ୍ଷଣ କରାଯାଇ ସେଠାରେ ଚାଷୀମାନଙ୍କୁ ଜଳ ଯୋଗାଇ ଦେବାପାଇଁ ବ୍ୟବସ୍ଥା କରାଯାଇଛି। ଜିଲାରେ ଯେତେଗୁଡିକ ଯୋଜନା ଚାଲୁରହିଛି ସେଗୁଡିକୁ ବ୍ୟାଖ୍ୟା କଲେ ରାତି ପାହିଯିବ ବୋଲି ସେ କହିଛନ୍ତି। ଏହି ସଭାରେ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇଲେ। ସଭା ଆରମ୍ଭ ଓ ସଭା ଶେଷ ହେବା ପରେ ୨ ଘଣ୍ଟା ଧରି ସହରର ଟ୍ରାଫିକ୍ ଜାମ୍ ହୋଇଥିଲା। ସଭା ଆରମ୍ଭବେଳେ ବର୍ଷା ହୋଇଥିଲେ ମଧ୍ୟ ଏହାକୁ ଖାତିର ନ କରି ଲୋକେ ସଭାସ୍ଥଳକୁ ଛୁଟିଆସିଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବିଶ୍ୱଜିତ୍


@ ଜିଲୁ


@ ମନ୍ମଥ


@ ବିଭୂତି


@ ଜେନ୍ନି


@ ମଗନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୫-ଟି ସଚିବଙ୍କୁ ଦାବିପତ୍ର


୫-ଟି ସଚିବଙ୍କୁ ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଚଣ୍ଡିଖୋଲ,୩୧।୮ (ପ୍ରଦୀପ୍ତ କୁମାର ପୃଷ୍ଟି):**

୫-ଟି ସଚିବ ଭି. କେ. ପାଣ୍ଡିଆନ ଗୁରୁବାର ବଡ଼ଚଣାରେ ଏକ ସଭାରେ ଯୋଗଦେଇଥିବାବେଳେ ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ତାଙ୍କୁ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଚଣ୍ଡିଖୋଲରେ ଅତିରିକ୍ତ ଜିଲା ଦୌରାଜଜ କୋର୍ଟ କାର୍ଯ୍ୟକ୍ଷମ କରିବା, ସବ୍‌ଜେଲ ପ୍ରତିଷ୍ଠା ଓ ବଡ଼ଚଣା ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ମଧୁବାବୁ ଆଇନ ସହାୟତା କେନ୍ଦ୍ର ଖୋଲିବା ସହିତ ଓକିଲ ନିଯୁକ୍ତି ଆଦି ରହିଛି। ବାର୍ ଆସୋସିଏଶନ ପକ୍ଷରୁ ସମ୍ପାଦକ ପ୍ରକାଶ ଦାଶ, ପୂର୍ବତନ ସଭାପତି ଦେବରାଜ ବେହେରା, ଶରତ ଷଡ଼ଙ୍ଗୀ, ଉପସଭାପତି ଶ୍ରୀକାନ୍ତ ବଳ, ଚିନ୍ମୟ ପ୍ରତାପ, ବୀରେନ ବିଶ୍ୱାଳ, ଜ୍ୟୋତିଶଙ୍କର ମହାପାତ୍ର, ରମେଶ ନାୟକ, ସମ୍ବିତ ମହାପାତ୍ର, ଶିରିଶ ସାମଲ, ଜାଗୃତି ବାରିକ, ତରୁଣ ବିଶ୍ୱାଳ, ଆଶିଷ ଚୌଧୁରୀ, ସୁମନ ଜେନା, କ୍ଷୀରୋଦ ସାହୁ, ନଗେନ୍ଦ୍ର ପାତ୍ର, ମନ୍ମଥ ବଳ, ପ୍ରକାଶ ବେହେରା, ପ୍ରମୋଦ ବାରିକ, ତ୍ରିଲୋଚନ ପାତ୍ର, ଅବିନାଶ ପଣ୍ଡା ଓ ପ୍ରତାପ ନାୟକଙ୍କ ସମେତ ବହୁ ଆଇନଜୀବୀ ଯୋଗଦେଇ ଦାବିପତ୍ର ପ୍ରଦାନ କରିଥିଲେ।

# ବଙ୍ଗୀୟଙ୍କୁ ସ୍ଥାୟୀ ଜମି ପଟ୍ଟା ପାଇଁ ଦାବି

**ମହାକାଳପଡ଼ା,୩୧।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

- ୭ ଦଫା ଦାବିରେ ତହସିଲ ଅଫିସ ସମ୍ମୁଖରେ ୩ ଦିନିଆ ଗଣଧାରଣା
- ସାମିଲ ହେଲେ ରାମନଗର, ଖରିନାସି, ବଟିଘର ପଞ୍ଚାୟତବାସୀ
- ଇଡ୍‌କୋକୁ ପ୍ରଦାନ କରାଯାଇଥିବା ଜମି ପଟ୍ଟା ପ୍ରତ୍ୟାହାର

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମନଗର, ବଟୀଘର ଓ ଖରୀନାସି ପଞ୍ଚାୟତରେ ରାଜ୍ୟ ସରକାର ପ୍ରସ୍ତାବିତ ବୃହତ ଶିଳ୍ପ ପ୍ରତିଷ୍ଠା ପାଇଁ କିଛି ମାସ ପୂର୍ବେ ଘୋଷଣା କରିଥିଲେ। ଏହି ଘୋଷଣା ପରେ ଏହି ଅଞ୍ଚଳରେ ୭୩ ବର୍ଷ ଧରି ବସବାସ କରି ଆସୁଥିବା ବଙ୍ଗୀୟ ଶରଣାର୍ଥୀମାନେ ଶିଳ୍ପ ପ୍ରତିଷ୍ଠା ପୂର୍ବରୁ ସ୍ଥାୟୀ ଜମି ପଟ୍ଟା ପ୍ରଦାନ ପାଇଁ ଦାବି କରିଛନ୍ତି। ଏ ନେଇ ମା' ରାମଚଣ୍ଡୀ କୃଷକ କଲ୍ୟାଣ ସମିତି ନେତୃତ୍ୱରେ ମହାକାଳପଡ଼ା ତହସିଲ ସମ୍ମୁଖରେ ଗୁରୁବାର ୩ ପଞ୍ଚାୟତର ଲୋକ ୭ଦଫା ଦାବି ପୂରଣ ଦାବିରେ ୩ ଦିନିଆ ଗଣଧାରଣା ଦିଆଯାଇଛି। ଗଣଧାରଣାକାରୀଙ୍କ କହିବା ମୁତାବକ ଆମେ ଶିଳ୍ପକୁ ସ୍ୱାଗତ କରୁଛୁ। ଆମକୁ ସ୍ଥାୟୀ ଜମି ପଟ୍ଟା ପ୍ରଦାନ ନ କରି କିଭଳି ଭାବେ ଇଡ୍‌କୋକୁ ଶହେ ଏକର ଜମି ହସ୍ତାନ୍ତର କରାଗଲା ବୋଲି ସେମାନେ ବର୍ଷୀ ଥିଲେ। ୭ ଦଫା ଦାବି ହେଲା, ବଙ୍ଗୀୟ ଶରଣାର୍ଥୀମାନେ ୧୯୫୦ଠାରୁ ସ୍ଥାୟୀ ଭାବେ ଏଠାରେ ବସବାସ କରୁଥିଲେ। ସେମାନଙ୍କୁ ୧୯୭୬ରେ ସରକାର କେ' ଫର୍ମ ପଟ୍ଟା ପ୍ରଦାନ କରିଥିଲେ। ୨୦୧୨ରେ ପାଉତି କାଟିବା ତହସିଲ କାର୍ଯ୍ୟାଳୟ ପକ୍ଷରୁ ବନ୍ଦ କରାଗଲା। ଏହା କିସମ ଜଙ୍ଗଲ-୨ ଉଲ୍ଲେଖ ରହିଛି। ୧୯୭୬ ମସିହାରେ ପ୍ରଦାନ ପଟ୍ଟାକୁ ଅନ୍‌ଲାଇନରେ ଏଣ୍ଟ୍ରି କରାଯାଉ, ପୂର୍ବରୁ ପ୍ରଦାନ କରାଯାଇଥିବା ଜମି ପଟ୍ଟାକୁ ସ୍ୱୀକାର କରିବା, ରାମନଗର, ଖରିନାସି ଓ ବଟୀଘର ମୌଜାକୁ ସେଟଲ ମେଣ୍ଟରେ ସାମିଲ କରାଯାଉ, ଶରଣାର୍ଥୀମାନଙ୍କୁ ପ୍ରଦାନ କରାଯାଉଥିବା ଜମିକୁ କିଣା ବିକା କରାଯାଉ, ଟି ଏଲ ଖାତା ସଂଶୋଧନ ହେବା ସହ ଖତିଆନଖାତା ନମ୍ବର ପ୍ରଦାନ କରାଯାଉ, ଅବରୋଧ ଜମି କେସ୍‌ର ପାଉତି କାଟିବା ଆରମ୍ଭ କରାଯାଉ, ଜଙ୍ଗଲ ଜମି କିସମ ପରିବର୍ତ୍ତନ ଓ ଶାରଦ-୧ ଓ ଘରବାରି ସରକାରୀ ଖାତା ସଂଶୋଧନ କରିବା ଓ ଶେଷରେ ଇଡ୍‌କୋକୁ ପ୍ରଦାନ କରାଯାଇଥିବା ଜମି ପଟ୍ଟା ଖାରଜ କରିବା ପାଇଁ ଦାବି କରାଯାଇଥିଲା।

ମା' ରାମଚଣ୍ଡୀ କୃଷକ କଲ୍ୟାଣ ସମିତି ପକ୍ଷରୁ ଆୟୋଜିତ ଗଣଧାରଣାରେ ବିଭିନ୍ନ ସଙ୍ଗଠନ ସଦସ୍ୟ ଓ କେତେଗୋଟି ରାଜନୈତିକ ଦଳର କାର୍ଯ୍ୟକର୍ତ୍ତା ସାମିଲ ହୋଇ ବଙ୍ଗୀୟବାସୀଙ୍କ ହକ ପାଇଁ ଦାବି କରିଥିଲେ। ଉପସ୍ଥିତ ଯୁବନେତା ତରୁଣକାନ୍ତ କାଞ୍ଜିଲାଲ୍ ଗଣଧାରଣାକୁ ସଂଯୋଜନା କରିଥିବା ବେଳେ ରାଜ୍ୟ ଭାଜପା ପ୍ରବକ୍ତା ଓ କେନ୍ଦ୍ର ସରକାରଙ୍କ ପ୍ରାକ୍ତନ ଇପିଏଫ୍ କମିଶନର ତଥା ସ୍ତମ୍ଭକାର ସଞ୍ଜୟ ରଥ ଯୋଗ ଦେଇ ଉପକୂଳ ବଙ୍ଗୀୟବାସୀଙ୍କ ହକ ପାଇଁ ଆଗାମୀଦିନରେ ଜୋରଦାର ଲଢ଼େଇ ହେବ, ଆବଶ୍ୟକ ପଡ଼ିଲେ ଏମାନଙ୍କ ସ୍ୱାର୍ଥ ପାଇଁ ଦଳ ପକ୍ଷରୁ ନ୍ୟାୟ ଦେବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମଣୀ ରଞ୍ଜନ ରାଉତରାୟ, ୨୦ ନମ୍ବର ଜୋନ ସଭାପତି ପ୍ରକାଶ ପ୍ରଧାନ, ସମିତିସଭ୍ୟ କୃଷ୍ଣପଦ ମଣ୍ଡଳ, ରନୀ ହାଲଦାର, ସମିତିସଭ୍ୟ ରିତା ବାଳା ରକ୍ଷିତ, ରବୀନ୍ଦ୍ର ରକ୍ଷିତ, ସମ୍ରାଟ ମାଝି, ରଞ୍ଜନ ମଣ୍ଡଳଙ୍କ ୩ ପଞ୍ଚାୟତର ବହୁ ସଂଖ୍ୟାରେ ମହିଳା, ଯୁବକ, ମୁରବୀ ଓ ନେତୃମଣ୍ଡଳୀ ଯୋଗଦେଇଥିଲେ। ୩ଦିନିଆ ସୁରକ୍ଷା ଦୃଷ୍ଟିରୁ ମହାକାଳପଡ଼ା ଥାନା ଅଧିକାରୀ ବିମଳ କୁମାର ମଲିକ ସମେତ ଅନ୍ୟ ପୋଲିସ ଷ୍ଟାଫ୍ ଉପସ୍ଥିତ ଥିଲେ।



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୩ ପଞ୍ଚାୟତର ବଙ୍ଗୀୟ ଶରଣାର୍ଥୀଙ୍କ ପକ୍ଷରୁ ସ୍ଥାୟୀ ଜମି ପଟ୍ଟା ପାଇଁ ଗଣଧାରଣା।

# ଅଗ୍ନିକାଣ୍ଡରେ ୪୦ ଛେଳି ଜୀବନ୍ତ ଦଗ୍ଧ

**ରାଜନଗର, ୩୧।୮ (ଭାସ୍କର ରାଉତରାୟ)**

ଆଳି ବ୍ଲକ ଏକମାଣିଆ ଗାଁରେ ବୁଧବାର ବିଳମ୍ବିତ ରାତ୍ରିରେ ଭୟାବହ ଅଗ୍ନିକାଣ୍ଡରେ ୪୦ ଛେଳି ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ୨୦ ଛେଳିଙ୍କ ଅବସ୍ଥା ଗୁରୁତର ରହିଛି। ଏକମାଣିଆ ଗାଁର ବସନ୍ତ ରାଉତ ଛେଳି ଚାଷ କରି ପରିବାର ପ୍ରତିପୋଷଣ କରନ୍ତି। ରାତିରେ ଛେଳିଙ୍କର ରଡି ଶୁଣି ବସନ୍ତଙ୍କ ପରିବାର ଲୋକେ ଉଠି ଦେଖିବା ବେଳକୁ ଘରଠୁଁ ଅଳ୍ପ ଦୂରରେ ଥିବା ଛେଳି ଗୁହାଳ ଜଳୁଛି। ପଡୋଶୀଙ୍କୁ ଡାକି ନିଆଁ ଲିଭାଇବା ବେଳକୁ ୪୦ ଛେଳି ପୋଡି ହୋଇ ଯାଇଥିଲେ। ବଞ୍ଚି ଥିବା ଅନ୍ୟ ୨୦ ଛେଳି ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରିଥିଲେ। ବସନ୍ତ ମୂଳ ଲାଗି ପରିବାର ଚଳାଉ ଥିଲେ। ୨ ବର୍ଷ ହେଲା ଛେଳି ଚାଷ କରି ପରିବାର ଚଳାଇ ଆସୁଥିଲେ। ବିଳମ୍ବିତ ରାତ୍ରିରେ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଏପରି ଘଟିଥିବା କୁହାଯାଉଛି।

# ଯୌତୁକ ପାଇଁ ନବବଧୂଙ୍କୁ ହତ୍ୟା ଅଭିଯୋଗ

**ଡେରାବିଶ,୩୧।୮ (ବେବର୍ତ୍ତା ଅଜୟ ଦାସ)**



କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଛଚିଣା ଗାଁରେ ଜଣେ ନବବଧୂଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତା ଝିଅଙ୍କ ବାପା ପ୍ରସନ୍ନ କୁମାର ମହାନ୍ତି ଗୁରୁବାର ରାତି ୮ଟାରେ ,ଭଳି ଅଭିଯୋଗ ଦେଇଛନ୍ତି। ପ୍ରସନ୍ନଙ୍କ ସୂଚନା ଅନୁଯାୟୀ, ଛଚିଣା ଗ୍ରାମର ପ୍ରଫୁଲ୍ଲ ମଲିକଙ୍କ ପୁଅ ପ୍ରଦୀପ (୩୬) କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ବାଗସରପୁର ଗ୍ରାମର ପ୍ରସନ୍ନଙ୍କ ଝିଅ ସଂଘମିତ୍ରା (୨୧)ଙ୍କୁ ବୈଦିକ ରୀତିନୀତିରେ ଗତ ଜୁଲାଇ ୧୪ରେ ବିବାହ ହୋଇଥିଲା। ବିବାହ ସମୟରେ ପୁଅ ଘରର ଦାବି ମୁତାବକ ଯୌତୁକ ଅର୍ଥ ରାଶି ସହ ସମସ୍ତ ଆସବାବପତ୍ର, ସ୍ୱର୍ଣ୍ଣ ଅଳଙ୍କାର ପ୍ରଦାନ କରାଯାଇଥିଲା। ମାତ୍ର ବିବାହ ପରେ ଅଧିକ ଯୌତୁକ ଦାବି କରି ବିଭିନ୍ନ ସମୟରେ ସଂଘମିତ୍ରାଙ୍କୁ ଶାଶୁଘର ଲୋକ ଶାରିରୀକ ଓ ମାନସିକ ନିର୍ଯାତନା ଦେଇ ଆସୁଥିବା ଅଭିଯୋଗରେ ଦର୍ଶାଯାଇଛି। ବୁଧବାର ଝିଅ ସଙ୍ଘମିତ୍ର ଓ ଜ୍ୱାଇଁ ପ୍ରଦୀପ ବାଗସରପୁରସ୍ଥିତ ନିଜ ବାପଘରକୁ ଯାଇଥିଲେ। ରାତି ୮ଟାରେ ମଧ୍ୟ ନିଜ ଶାଶୁଘରକୁ ଫେରିଥିବା ନେଇ ପ୍ରସନ୍ନ ସୂଚନା ଦେଇଛନ୍ତି। ତେବେ ଗୁରୁବାର ମଧ୍ୟାହ୍ନରେ ପ୍ରସନ୍ନଙ୍କୁ ଏକ ଫୋନ୍ କଲ ପ୍ରଦୀପଙ୍କ ଘର ପକ୍ଷରୁ ଯାଇଥିଲା। ସେଥିରେ ସଙ୍ଘମିତ୍ରାଙ୍କ ଦେହ ଅସୁସ୍ଥ ଥିବା କଥା ଶ୍ୱଶୁର ପ୍ରଫୁଲ୍ଲ କହିବା ସହ ତୁରନ୍ତ ଆସିବାକୁ ପ୍ରସନ୍ନ କହିଥିବା ଅଭିଯୋଗ ହୋଇଛି। ତେବେ ପ୍ରସନ୍ନ ଓ ତାଙ୍କ ପରିବାର ଛଚିଣା ଗ୍ରାମରେ ପହଞ୍ଚିବା ପରେ ଏକ ଖଟ ଉପରେ ଝିଅର ମୃତଦେହ ପଡ଼ିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଝିଅ ସଙ୍ଘମିତ୍ରାକୁ ଶାଶୁଘର ପକ୍ଷରୁ ମାରି ଦେଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ପାଇବା ପରେ ପୋଲିସ ପ୍ରଦୀପଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି। ପୋଲିସ ସଙ୍ଘମିତ୍ରାଙ୍କ ମୃତଦେହକୁ ଜବତ କରିବା ସହ ଏ ସଂକ୍ରାନ୍ତରେ ଥାନରେ ନଂ. ୨୩୮/୨୩ରେ ମାମଲା ରୁଜୁ କରିଥିବା ଆଇଆଇସି କିଶୋର ଚନ୍ଦ୍ର ତରାଇ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଡିଏଚ୍‌ଏଚ୍‌ରେ ପାଗଳା କୁକୁର ଦୌରାତ୍ମ୍ୟ
### ଗୋଟିଏ ଦିନରେ ୫ ଜଣଙ୍କୁ କାମୁଡ଼ିଲା

ନୟାଗଡ଼,୩୧।୮(ଲୋକନାଥ ମିଶ୍ର): ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ)ରେ ପାଗଳା କୁକୁରଙ୍କ ଦୌରାତ୍ମ୍ୟ ବଢ଼ିଛି । ଗୁରୁବାର ଗୋଟିଏ ଦିନରେ ୫ଜଣଙ୍କୁ କୁକୁର କାମୁଡ଼ିଛି । ଲୋକେ କୁକୁରକୁ ଧରିବା ପାଇଁ ଚେଷ୍ଟା ଜାରି ରଖିଥିଲେ ମଧ୍ୟ ସୁଫଳ ପାଇ ନାହାନ୍ତି ।

### ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲଦଣ୍ଡ
### ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର ମାମଲା

ନୟାଗଡ଼,୩୧।୮(ଲୋକନାଥ ମିଶ୍ର): ନୟାଗଡ଼ ଜିଲା ଅତିରିକ୍ତ ଜିଲା ଜର୍ଜଙ୍କ କୋର୍ଟରେ ଭିନ୍ନକ୍ଷମ ଯୁବତୀ ବଳାତ୍କାର ଘଟଣାର ରାୟ ପ୍ରକାଶ ପାଇଛି । ଅତିରିକ୍ତ ଜିଲା ଜଜ ଲିଲି ସେନାପତି ସାକ୍ଷ, ପ୍ରମାଣପତ୍ର, ଡାକ୍ତରୀ ରିପୋର୍ଟ, ସରକାରୀ ଓ ପ୍ରତିପକ୍ଷ ଓକିଲଙ୍କ ଯୁକ୍ତିକୁ ଆଧାର କରି ବଳାତ୍କାରୀ ଲକ୍ଷ୍ମୀପ୍ରସାଦ ଗାଁର କୀର୍ତ୍ତନ ବେହେରାଙ୍କୁ ୧୦ ବର୍ଷ ଜେଲ ଦଣ୍ଡ ସହ ୫ ହଜାର ଜରିମାନା କରିଛନ୍ତି । ମାମଲାର ବିବରଣୀ ଅନୁସାରେ ୨୦୧୮ରେ ଫତେଗଡ ଥାନା ଅଞ୍ଚଳରେ ଜଣେ ଭିନ୍ନକ୍ଷମ ଛାତ୍ରୀ ଘରେ ଏକୁଟିଆ ଥିବାବେଳେ ଲକ୍ଷ୍ମୀପ୍ରସାଦ ଗାଁର କୀର୍ତ୍ତନ ବେହେରା ତାଙ୍କୁ ବଳାତ୍କାର କରିଥିଲେ । ପୀଡ଼ିତାଙ୍କ ପିତା ଫତେଗଡ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା । ଅନ୍ୟପକ୍ଷେ ସମ୍ପୃକ୍ତ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ସରକାରୀ ଓକିଲ ଅମୀୟ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ ।

### ଡେଙ୍ଗୁରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ନୟାଗଡ଼,୩୧।୮(ଲୋକନାଥ ମିଶ୍ର): ନୟାଗଡ଼ ସହର ଦେବୋତ୍ତର କଲୋନୀର ୪ର୍ଥ ଲେନ୍‌ର ବସନ୍ତ କୁମାର ଦାଶ(୬୫) ଡେଙ୍ଗୁରେ ଗୁରୁବାର ଭୋର ସମୟରେ ପ୍ରାଣ ହରାଇଛନ୍ତି । ତାଙ୍କ ସ୍ତ୍ରୀ ମଙ୍ଗଳବାର ଝିଅ ଘରକୁ ଯାଇଥିଲେ । ବୁଧବାର ଅସୁସ୍ଥ ହେବା ପରେ ଭୁବନେଶ୍ୱରର ଏକ ଘରୋଇ କ୍ଲିନିକରେ ଚିକିତ୍ସିତ ହେଉଛନ୍ତି ।

### ଚିନିକଳ ଚୋରି ଘଟଣାରେ ଜଣେ ଅଟକ

ନୟାଗଡ଼,୩୧।୮(ଲୋକନାଥ ମିଶ୍ର): ନୟାଗଡ଼ ପାଣିପୋଇଲାସ୍ଥିତ ଚିନିକଳରେ ଯନ୍ତ୍ରାଂଶ ଚୋରି ହେଉଥିବାବେଳେ ନୟାଗଡ଼ ସଦର ଥାନା ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି । ଚିନିକଳର କିଛି ଯନ୍ତ୍ରାଂଶ ମଧ୍ୟ ଜବତ ହୋଇଛି । ଅନ୍ୟ ଚୋରକୁ ଧରିବା ପାଇଁ ପୋଲିସ ଉଦ୍ୟମ ଆରମ୍ଭ କରିଛି । ତେବେ ଏନେଇ ମାମଲା ରୁଜୁ ହୋଇନି ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଖଣ୍ଡପଡ଼ା,୩୧।୮(ଅଜୟ କୁମାର ମହାରଣା) କଣ୍ଟିଲୋ ପଞ୍ଚାୟତ ଅଧୀନ ନରେନ୍ଦ୍ରପୁର ପାଟଣା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଦେବରାଜ ବାରିକ(୮୬)ଙ୍କ ଗୁରୁବାର ପୂର୍ବାହ୍ନ ୮ଟାରେ ପରଲୋକ ହୋଇଯାଇଛି । ସେ ଦୀର୍ଘ ମାସ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ବାରିକ ଜଣେ ମିଷ୍ଟଭାଷୀ, ବନ୍ଧୁ ବତ୍ସଳ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ । ତାଙ୍କର ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ସ୍ଥାନୀୟ ମହାନଦୀକୂଳ ମହିମା ଆଶ୍ରମ ସମ୍ମୁଖ ଶ୍ମଶାନ ଘାଟରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଯାଇଛି । ପୁଅ ଅଜୟ ମୁଖାଗ୍ନି ଦେଇଛନ୍ତି ।

# ୨୬ ମିନି ଅଙ୍ଗନୱାଡି ଅପ୍‌ଗ୍ରେଡେଡ୍‌ରେ ଚଞ୍ଚକତା

- ଗାଁର ଲୋକ, ଶିଶୁଙ୍କ ସଂଖ୍ୟା କରାଯାଇଛି ବର୍ଦ୍ଧିତ
- ହଡପ ଚାଲିଛି ଶିଶୁ ଓ ଗର୍ଭବତୀଙ୍କ ଖାଦ୍ୟ
- ଗୁମର ଖୋଲିଲା ସୂଚନା ଆଇନ

ନୟାଗଡ଼,୩୧।୮(ଲୋକନାଥ ମିଶ୍ର): ନୟାଗଡ଼ ଜିଲାର ଦଶପଲ୍ଲା ବ୍ଲକରେ ୨୬ ମିନି ଅଙ୍ଗନୱାଡି କେନ୍ଦ୍ର ଅପଗ୍ରେଡେଡରେ ଚଞ୍ଚକତା କରାଯାଇ ଅଙ୍ଗନୱାଡି କେନ୍ଦ୍ର କରାଯାଇଛି । କାଗଜପତ୍ରରେ ଗାଁର ଲୋକ ଓ ଶିଶୁଙ୍କ ସଂଖ୍ୟାକୁ ବଢ଼ାଇ ଜାଲ୍ ରିପୋର୍ଟ ପ୍ରସ୍ତୁତ କରି ଏଭଳି ଅନିୟମିତତା କରାଯାଇଛି । ଫଳରେ ପ୍ରତି ମାସରେ ବର୍ଦ୍ଧିତ ଶିଶୁ ଓ ଗର୍ଭବତୀଙ୍କ ଖାଦ୍ୟକୁ ହଡପ କରାଚାଲିଛି ବୋଲି ଅଭିଯୋଗ ହୋଇଛି । ଏଭଳି ଅନିୟମିତତାକୁ ସୂଚନା ଅଧିକାର ଆଇନ ପଦାରେ ପକାଇଛି ।


ଦଶପଲ୍ଲା ବ୍ଲକରେ ଥିବା ଏକ ଅଙ୍ଗନୱାଡି କେନ୍ଦ୍ର ।

ସୂଚନା ଅନୁଯାୟୀ, କେଉଁ ଅଙ୍ଗନୱାଡି କେନ୍ଦ୍ରରେ ୧୦୦ରୁ ୧୫୦ ତ ଆଉ କେଉଁ ଅଙ୍ଗନୱାଡି କେନ୍ଦ୍ରରେ ୨୦୦ରୁ ଊର୍ଦ୍ଧ୍ୱ ଲୋକ ଦର୍ଶାଯାଇଛି । ପ୍ରତି ଅଙ୍ଗନୱାଡି କେନ୍ଦ୍ରରେ ଲୋକଙ୍କ ସଂଖ୍ୟା ଅଧିକ ଦେଖା ଯାଇଛି । ଡିହଗାଁ ପଞ୍ଚାୟତର ମଙ୍ଗଳପୁର ଗାଁରେ ପ୍ରାୟ ୧୦୦ ଲୋକ ବସବାସ କରନ୍ତି । ଏଠାର ମଙ୍ଗଳପୁର, ସୁନାଗଞ୍ଜ ଓ କଦଳୀ ଚୌକା ଗାଁକୁ ମିଶାଇଲେ ପ୍ରାୟ ୪୦୦ ଲୋକ ହେବେ । ତେବେ ଅଙ୍ଗନୱାଡି କେନ୍ଦ୍ର ରିପୋର୍ଟ କହୁଛି ୪୫୨ ଲୋକ ସଂଖ୍ୟା । ସେହିପରି ଦିଗରିରେ ପ୍ରାୟ ୪୦୦ ଲୋକ ଅଛନ୍ତି । ତେବେ ରିପୋର୍ଟ କହୁଛି ୫୨୨ । ଦଳକସାହିରେ ପ୍ରାୟ ୩୦୦ ଥିବାବେଳେ ଲୋକସଂଖ୍ୟା ୪୦୮ ଦର୍ଶାଯାଇଛି । କଳସାଖମଣ ପଞ୍ଚାୟତ ପୋଡାସାହିରେ ପ୍ରାୟ ୩୦୦ ଲୋକ ଥିବାବେଳେ ଏହାର ରିପୋର୍ଟରେ ୪୩୫ ଅଛି । ପୁଣି ନୂଆସାହିରେ ପ୍ରାୟ ୩୦୦ ଲୋକସଂଖ୍ୟ ଥିବାବେଳେ ୪୫୦ ଦର୍ଶାଯାଇଛି । ଏହିପରି ୨୬ଟି ମିନି ଅଙ୍ଗନୱାଡି କେନ୍ଦ୍ରରୁ ଅଙ୍ଗନୱାଡି କେନ୍ଦ୍ରକୁ ଉନ୍ନିତ ପାଇଁ ଦିଆଯାଇଥିବା ରିପୋର୍ଟରେ ଅଧିକ ସଂଖ୍ୟକ ଲୋକସଂଖ୍ୟା ଦର୍ଶା ଯାଇଛି । ପୁଣି ଶିଶୁଙ୍କ ସଂଖ୍ୟା ଅଧିକ ଦର୍ଶାଯାଇଛି । ଗୋଟିଏ କେନ୍ଦ୍ରରେ ୪୦ରୁ ୮୪ ଶିଶୁ ଥିବା ଦର୍ଶା ଯାଇଛି । ଯାହା ତଦନ୍ତ ସାପେକ୍ଷ ।

ଏନେଇ ଦଶପଲ୍ଲାର ସୀତା ପ୍ରଧାନ, ମକର ନାୟକ, ବିପ୍ର ମଲ୍ଲିକ, ପୀତବାସ ସାହୁ କୁହନ୍ତି ମିନି ଅଙ୍ଗନୱାଡି ଉନ୍ନୀତ ହୋଇ ଅଙ୍ଗନୱାଡି କେନ୍ଦ୍ର କରାଯିବା ଭଲ ପଦକ୍ଷେପ । ତେବେ ଏପରି କାରସାଦି କରାଯାଇଥିବା ଗାଁ ଲୋକ କାହିଁକି ଜାଣିବେ । ପୁଣି କେଉଁ କେନ୍ଦ୍ରରେ କେତେ ଶିଶୁ ଅଛନ୍ତି, କେତେ ଉପସ୍ଥିତ ପକାଯାଉଛି ଗାଁଲୋକ ଅବଗତ ନୁହନ୍ତି । ଅଙ୍ଗନୱାଡି କେନ୍ଦ୍ରକୁ ଆଉ ଭଙ୍ଗା ନ ଯାଉ । ତେବେ ଦୁର୍ନୀତି କରିଥିବା ଓ ଯଦି ଶିଶୁ ଓ ଗର୍ଭବତୀ ମହିଳାଙ୍କ ନାଁରେ ଖାଦ୍ୟ ହଡପ ହେଉଥିବ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ହେବା ଦରକାର । ନଚେତ୍ ଅନିୟମିତତା ବଢ଼ି ଚାଲିବ । ଜିଲା ସମାଜ ମଙ୍ଗଳ ଅଧିକାରୀ ଅର୍ଚ୍ଚନା କଅଁର କୁହନ୍ତି, ମିନି ଅଙ୍ଗନୱାଡି କେନ୍ଦ୍ର ଉନ୍ନୀତ ହୋଇ ଅଙ୍ଗନୱାଡି କେନ୍ଦ୍ର ହେବାରେ ଅନିୟମିତତା ହୋଇଛି କି ନାଁ ତଦନ୍ତ କରାଯିବ । ପୁଣି ଶିଶୁ ଓ ଗର୍ଭବତୀ ମହିଳାଙ୍କ ନାଁରେ ଖାଦ୍ୟ ହେରଫେର ହେଉଥିଲେ ଏଦିଗରେ ଅନୁରୂପ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ।

## ସ୍ମୃତିକୁ ସଜାଗକରେ ଗହ୍ମାଡ଼ିଆଁ ପର୍ବ

ଖଣ୍ଡପଡ଼ା,୩୧।୮(ଅଜୟ କୁମାର ମହାରଣା)

ଉତ୍କଳୀୟ ଧର୍ମ ସଂସ୍କୃତିର ପ୍ରତୀକ ଗହ୍ମା ପର୍ବ । ଏହି ପର୍ବ ଓଡ଼ିଶାର ପୂରପଲ୍ଲୀରେ ଶ୍ରାବଣ ପୂର୍ଣ୍ଣିମା ଦିନ ପାଳନ କରାଯାଇଥାଏ। ଏହାକୁ ବଳରାମଙ୍କ ଜନ୍ମ ତିଥି ଭାବେ ଗ୍ରହଣ କରାଯାଇଛି । ବଳଭଦ୍ର ଚାଷୀ କୂଳର ପ୍ରତୀକ ତଥା ଗୋ-ଜାତିର ପାଳନକର୍ତ୍ତା । ତେଣୁ ଏହି ଦିନ ଗାଈଗୋରୁ ପୂଜା କରାଯାଏ । ବୁଧବାର ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର, ସିଧାମୂଳା, ବାଣପୁର, ବେଣାଗାଡ଼ିଆ, ଭୋଗଡ଼ା ଓ ପଥରଚକଡ଼ା ଆଦି ଅଞ୍ଚଳର ଚାଷୀମାନେ ନିଜ ନିଜ ବଳଦ ଓ ଗାଈଙ୍କୁ ସ୍ନାନ କରାଇବା ସହ ଚାଷ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଲଙ୍ଗଳକୁ ଧୋଇ ସଜାଇ ରଖିଥିଲେ। ଗୁହାଳରେ ଗାଈ, ବଳଦଙ୍କୁ ଚନ୍ଦନ ସିନ୍ଦୁର ଫୁଲମାଳ ପିନ୍ଧାଇ, ଦୀପ ଧୂପ ଦେଇ ପୂଜାର୍ଚ୍ଚନା କରିଥିଲେ । ଓଡ଼ିଶାର ଖଣ୍ଡାୟତ ଓ ପାଇକମାନେ ଏହି ଦିନକୁ ଏକ ପାରମ୍ପରିକ ପର୍ବ ରୂପେ ପାଳନ କରିଥାନ୍ତି । ସମରାଭ୍ୟାସ ପାଇଁ ଗ୍ରାମର ପୁରୁଷମାନେ ଏହି ଶ୍ରାବଣ ପୂର୍ଣ୍ଣିମାଠାରୁ ଦଶହରା ସମୟକୁ ଉପଯୁକ୍ତ ମନେ କରିଥାଆନ୍ତି। ଆଗ କାଳରେ ପାଇକମାନେ ଆଜିର ଦିନକୁ ଅତି ଶୁଭ ମନେକରି ଯୁଦ୍ଧବିଦ୍ୟା ଆରମ୍ଭ କରୁଥିଲେ । ଶିକ୍ଷା କରୁଥିବା ସଂପୃକ୍ତ ବ୍ୟକ୍ତି କିମ୍ବା ପିଲାମାନେ ପ୍ରଥମେ ଉଚ୍ଚ


ମର୍ଦ୍ଦରାଜପୁରଠାରେ ଆୟୋଜିତ ଗହ୍ମାଡିଆଁ ।

ସ୍ଥାନରୁ ତଳକୁ ଡ଼େଇଁଥିଲେ । ଉଚ୍ଚ ସ୍ଥାନରୁ ତଳକୁ ଡ଼େଇଁବାକୁ 'ଗହ୍ମା' କୁହାଯାଏ। ଆଉ ଉଚ୍ଚ ସ୍ଥାନରୁ ତଳକୁ ଡ଼େଇଁବାକୁ 'ଗହ୍ମାଡ଼ିଆଁ' କୁହାଯାଏ । ଏହି ପ୍ରଥାକୁ ମନେ ପକାଇ ଏବେ ନିକଟସ୍ଥ ମର୍ଦ୍ଦରାଜପୁର, ସିଧାମୂଳା, ବଡବାଣପୁର, ହରିଚନ୍ଦନପୁର, ବରକୋଳିବନ୍ଧ ଓ ଭୋଗଡ଼ା ଆଦି ଗ୍ରାମରେ ଉର୍ଦ୍ଧଷ୍ଟ ପଡିଆରେ ଗହ୍ମାଡିଆଁ କାର୍ଯ୍ୟକ୍ରମ କରାଯାଇଥିଲା । ବିଶେଷକରି ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ମନ୍ଦିର ପାଦଦେଶରେ ତଥା ମେଡିକାଲ ନିକଟରେ ଓ ସିଧାମୂଳା ନୋଡାଲ ଉପ୍ରା ବିଦ୍ୟାଳୟ ସାମନାରେ ଏହି ଗହ୍ମାଡିଆଁ ପ୍ରତିଯୋଗିତା ମହାଆଡମ୍ବର ସହକାରେ ପାଳନ କରାଯାଇଥିଲା । ସିଧାମୂଳା ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଗହ୍ମାଡିହାଁ କାର୍ଯ୍ୟକ୍ରମରେ ଅତିଥି ଭାବେ ଗ୍ରାମର ସଭାପତି ଉଦ୍ୟନାଥ ମିଶ୍ର, ସମ୍ପାଦକ ପୀତବାସ ମନ୍ତ୍ରୀ ଓ କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ କୁମାର ଜେନା ଓ ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ କଟକ ଜିଲା ନରସିଂହପୁର, ଏକଡାଳ ଓ ଆଖପାଖ ଅଞ୍ଚଳର ହଜାରରୁ ଊର୍ଦ୍ଧ୍ୱ ମହିଳା ଏବଂ ପୁରୁଷ ସମାଗମ ହୋଇ ପ୍ରତିଯୋଗିତାକୁ ଉପଭୋଗ କରିଥିଲେ । ଉକ୍ତ ପ୍ରତିଯୋଗିତାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ଓ ବିଭିନ୍ନ ସରକାରୀ,ବେସରକାରୀ କ୍ଷେତ୍ରରେ ନିଯୁକ୍ତି ପାଇଥିବା ଯୁବକମାନେ ଅଂଶ ଗ୍ରହଣ କରିଥିଲେ ।

### ୧୪ ବସ୍ତା ଶାଳ ଖଲି ସହ ମିନି ଟ୍ରକ ଜବତ

ଓଡ଼ଗାଁ,୩୧।୮(ଆଦର୍ଶ କୁମାର ପଟ୍ଟନାୟକ) ନୟାଗଡ଼ ଜିଲା ଓଡ଼ଗାଁ ବନ ବିଭାଗ ଅଧୀନ ବାହାଡ଼ାଝୋଲା ବନ କର୍ମଚାରୀମାନେ ଗୁରୁବାର ବେଆଇନ ଭାବେ ଚାଲାଣ ହେଉଥିବା ୧୪ ବଣ୍ଡଲ ଶାଳ ପତ୍ର ଖଲି (୧୪୦ ଖଲି ଚେକା) ଜବତ କରିଛନ୍ତି । ଏହି ସେକ୍ସନ ଅଧୀନ ହରିପୁର ପେଟ୍ରୋଲ ଟାଙ୍କି ନିକଟରେ ବନ କର୍ମଚାରୀ ପାଟ୍ରୋଲିଂ କରୁଥିଲେ । ସେହି ରାସ୍ତା ଦେଇ ସନ୍ଦେହଜନକ ଭାବେ ଯାଉଥିବା ଏକ ଗାଡ଼ି (ନଂ.ଓଆର୧୨ବି ୪୭୮୧)କୁ ଯାଞ୍ଚ କରିବାକୁ ଅଟକାଇଥିଲେ । ହେଲେ ଡ୍ରାଇଭର ଗାଡ଼ି ଛାଡି ଫେରାର ହୋଇଯିବାରୁ ସନ୍ଦେହ ବଢ଼ିଥିଲା । ଗାଡ଼ି ଯାଞ୍ଚ କରିବାରୁ ସେଥିରୁ ୧୪ ବଣ୍ଡଲ ଶାଳପତ୍ର ଖଲି ମିଳିଥିଲା । ବନ ବିଭାଗ କର୍ମଚାରୀ ଖଲି ସହିତ ଗାଡ଼ିକୁ ଜବତ କରିଥିବା ରେଞ୍ଜର ନିଖିଳେଶ ମଲିକ ସୂଚନା ଦେଇଛନ୍ତି ।

### ପ୍ରଜାପିତା ବ୍ରହ୍ମା କୁମାରୀ ଆଶ୍ରମରେ ରକ୍ଷାବନ୍ଧନ ଉତ୍ସବ

ନୟାଗଡ଼,୩୧।୮(ଲୋକନାଥ ମିଶ୍ର) ଗୁରୁବାର ରାଖୀ ପୂର୍ଣ୍ଣିମା ଅବସରରେ ଇଟାମାଟି ପ୍ରଜାପିତା ବ୍ରହ୍ମା କୁମାରୀ ଆଶ୍ରମ ବରଦାନୀ ଭବନଠାରେ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଆଶ୍ରମର ସଞ୍ଚାଳିକା ସସ୍ମିତା ଭଉଣୀ, ଯଦୁମଣି ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ତଥା ଗ୍ରାମର ବରିଷ୍ଠ ନାଗରିକମାନଙ୍କ ହାତରେ ରାଖୀ ବାନ୍ଧିଥିଲେ । ଉତ୍ସବ ପ୍ରାରମ୍ଭରେ ରକ୍ଷା ବନ୍ଧନ ଉପରେ ଆଲୋକପାତ କରି ସସ୍ମିତା ଭଉଣୀ ସମସ୍ତଙ୍କୁ ଅଭିଭୂତ କରିଥିଲେ । ଡାକ୍ତର ରାଜ କିଶୋର ବରାଡ, ଜଗନ୍ନାଥ ଦାସ, ରଙ୍ଗନାଥ ବେହେରା, ଭାଗିରଥୀ ବାଇ, ଉମେଶ ଚନ୍ଦ୍ର ପଟ୍ଟନାୟକ, କିଶୋର ଚନ୍ଦ୍ର ନାୟକ, ରାଜ କିଶୋର ନାୟକ, କିଶୋର ଚନ୍ଦ୍ର ସାହୁ ଏବଂ ନରେଶ କୁମାର ସାହୁ ପ୍ରମୁଖ ରକ୍ଷା ବନ୍ଧନ ଉପରେ ଉଦ୍‌ବୋଧନ ଦେଇଥିଲେ ।

## ଜମି କାରବାରରେ ଠକେଇ, ଜଣେ ଗିରଫ

ବ୍ରହ୍ମପୁର,୩୧।୮(ସୁବାସ ଚନ୍ଦ୍ର ପାଢ଼ୀ)

ଜମି କାରବାର ଘଟଣାରେ ଠକେଇ ଅଭିଯୋଗରେ ନିମଖଣ୍ଡି ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଅଶୋକ ନଗରର ବିକ୍ରମ ସାହୁ(୪୦)। ପୋଲିସ ଠକେଇ ସମ୍ପର୍କିତ ଡକ୍ୟୁମେଣ୍ଟ ଆଦି ଜବତ କରିଛି। ମାମଲା ନଂ.୨୮୦/୨୩ ରେ ଗୁରୁବାର ବିକ୍ରମଙ୍କୁ କୋର୍ଟ ଚାଲାଣ କରାଯାଇଛି। କୋର୍ଟ ନିର୍ଦ୍ଦେଶରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ଚଣ୍ଡୀପଦର ଗ୍ରାମର ଭଗବାନ ଦାସଙ୍କ ଏକ ଜାଗାକୁ କିଣିବା ପାଇଁ ବିକ୍ରମ ଇଚ୍ଛୁକ ଥିଲେ। ସେ ଜମି ମାଲିକ ଭଗବାନଙ୍କ ସହ କଥା ହୋଇ ଉକ୍ତ ଜାଗାର ମୂଲ୍ୟ ୫. ୪୦ଲକ୍ଷ ଟଙ୍କା ସ୍ଥିର କରିଥିଲେ। ଗତ ଏପ୍ରିଲ ୧୮ ତାରିଖରେ ବିକ୍ରମ ୨.୪୦ଲକ୍ଷ ଟଙ୍କା ଅଗ୍ରୀମ ଦେଇଥିଲେ। ବଳକା ୩ ଲକ୍ଷ ଦେବେ ବୋଲି ପ୍ରତିଶ୍ରୁତି ଦେଇ ଭଗବାନଙ୍କ ଠାରୁ ପୁରା ଜମିର ଏଗ୍ରିମେଣ୍ଟ କରିଥିଲେ। ହେଲେ ସେ ଆଉ ଟଙ୍କା ଭଗବାନଙ୍କୁ ଫେରସ୍ତ କରିନଥିଲେ। ଟଙ୍କା ମାଗିବାରୁ ସେ କୌଣସି ଟଙ୍କା ବାକି ରଖିନାହାନ୍ତି ବୋଲି ଭଗବାନଙ୍କୁ ଧମକ ଦେଇଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ଶେଷରେ ଭଗବାନ ଏନେଇ ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ଗୁରୁବାର ବିକ୍ରମଙ୍କୁ ଗିରଫ କରିଥିବା କହିଛି।



@ ବିଶ୍ୱଜିତ୍

@ ଜିତୁ

@ ମନ୍ମଥ

@ ବିଭୂତି

@ ଜେନି

@ ମଗନ

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦଶପଲ୍ଲାରେ ସ୍ୱାୟତ୍ତ ଶାସନ ଦିବସ ସମାରୋହ

ଦଶପଲ୍ଲା,୩୧।୮( ପ୍ରକାଶ କୁମାର ପାଣି)

ଗୁରୁବାର ଦଶପଲ୍ଲା ଏନଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ସକାଳୁ ରାମଧ୍ୱନୀ କରାଯାଇଥିବାବେଳେ, ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଦଶପଲ୍ଲା ଡାକ୍ତରଖାନା ଓ ବୃଦ୍ଧାଶ୍ରମରେ ଫଳ ବଣ୍ଟନ କରାଯାଇଥିଲା । ଦଶପଲ୍ଲାର ଆରାଧ୍ୟ ଦେବ ମହାବୀରଙ୍କ ମନ୍ଦିରରୁ ଏକ ସ୍ୱଚ୍ଛତା ଶୋଭାଯାତ୍ରା ଆରମ୍ଭ ହୋଇ ଏନଏସି କାର୍ଯ୍ୟାଳୟ ନିକଟରେ ପହଞ୍ଚି ଥିଲା । ଦଶପଲ୍ଲାର ନବ ନିର୍ମିତ ପାର୍କ ପରିସରରେ ଚାରା ରୋପଣ କରାଯାଇଥିଲା । ଏନଏସି କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ,ଏନଏସି ଅଧ୍ୟକ୍ଷା ପୂର୍ଣ୍ଣିମା ପ୍ରିୟଦର୍ଶିନୀ , ମୁଖ୍ୟ ଉନ୍ନୟନ ଅଧିକାରୀ ସୁଚାରୁ କୁମାର ବଳ, ଦଶପଲ୍ଲା ତହସିଲଦାର ଶ୍ରୀକୁମାର ରଥ ,ଏନଏସି କାର୍ଯ୍ୟ ନିର୍ବାହୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର , ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାଶ , ପ୍ରଶାସନିକ ସେବା ଅଧିକାରୀ ସରସ୍ୱତୀ ଜାନୀ, ମହିଳା ନେତ୍ରୀ ସଂଯୁକ୍ତା ଦାସଗୁପ୍ତା , କାଉନସିଲର ବୃନ୍ଦ ଯୋଗଦାନ କରିଥିଲେ । ଅତିଥିମାନେ ସ୍ୱାୟତ୍ତ ଶାସନ ଦିବସ ଓ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ । ଶେଷରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।


ଦଶପଲ୍ଲାରେ ସ୍ୱାୟତ୍ତଶାସନ ଦିବସ ଉତ୍ସବରେ ମଞ୍ଚାସୀନ ଅତିଥି ।

# ନୟାଗଡ଼ ସହରରେ ବିକାଶ ଚାଲିଛି

- ସ୍ୱାୟତ୍ତ ଶାସନ ଦିବସର ୭୦ ବର୍ଷ ପୂର୍ତ୍ତି ଉତ୍ସବ
- ବିକାଶର ବାର୍ତ୍ତା ଉନ୍ମୋଚିତ

ନୟାଗଡ଼,୩୧।୮(ଲୋକନାଥ ମିଶ୍ର): ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସର ୭୦ ତମ ପୂର୍ତ୍ତି ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି । ଏହି ଅବସରରେ ପୂର୍ବାହ୍ନରେ ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷା ନିରୁପମା ଖଟେଇ ସଭାପତିତ୍ୱ କରିଥିଲେ । ଏଥିରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ବିକାଶ ପୁସ୍ତିକା ଉନ୍ମୋଚନ କରିଥିଲେ । ବିଧାୟକ କହିଥିଲେ ନୟାଗଡ଼ ସହରର କଳେବର ବୃଦ୍ଧି ପାଇଛି । ଜିଲା ସଦର ମହକୁମାକୁ ସବୁ ଜିଲାସ୍ତରୀୟ ଅଫିସ ଆସିବା ପରେ ଜିଲା ପୂର୍ଣ୍ଣାଙ୍ଗ ରୂପ ପାଇଛି । ସହରରେ ହେଉଥିବା ଉନ୍ନୟନ କାର୍ଯ୍ୟରେ ସମସ୍ତେ ସାମିଲ ହେବା ଦରକାର । ସହରର ବିକାଶ ବଖାଣିଲେ ଶେଷ ହେବନି। ତେବେ ବିକାଶ ଭିତରେ ଅନେକ ରୋଚକ ଓ ସଂଘର୍ଷମୟ ଘଟଣା ରହିଛି । ପୁଣି କୋର୍ଟ କଚେରୀର ଛାଟ ରହିଛି । ଯଦ୍ୱାରା ବିକାଶ କାମ ଧିମେଇ ଯାଇଛି ।


ନୟାଗଡରେ ଆୟୋଜିତ ସ୍ୱାୟତ୍ତଶାସନ ଦିବସରେ ଯୋଗଦେଇଥିବା ଅତିଥି ।

ତେବେ ବିଳମ୍ବରେ ପୁଣି ବିକାଶ ହୋଇଛି । ନୟାଗଡ଼ ଜେଲ ଜମି ମାମଲା କୋର୍ଟରେ ବିଚାରାଧୀନ ଥିବାରୁ ବିକାଶ ହୋଇ ପାରିନି । ପୁଣି ଜିଲା ସଂସ୍କୃତି କାର୍ଯ୍ୟାଳୟର ଉନ୍ନୟନରେ ମଧ୍ୟ କୋର୍ଟକୁ ଯାଇଛି । ଅନ୍ୟପକ୍ଷେ ଉନ୍ନୟନ କାର୍ଯ୍ୟରେ ସମସ୍ତେ ସହଯୋଗ କରନ୍ତୁ । ସହରବାସୀ ବେଶୀ ସଚେତନ ହୁଅନ୍ତୁ । ଅର୍ଥଦଣ୍ଡ ଜୋରିମାନରୁ ନିବୃତ୍ତ ରୁହନ୍ତୁ । ଅଳିଆ ଆବର୍ଜନା ପକାନ୍ତୁ ନାହିଁ । ନିଜ ଘର ଭଳି ସହରକୁ ଭାବି ପରିଷ୍କାର ରଖନ୍ତୁ । ଏହାଦ୍ୱାରା ନିଜର ଉନ୍ନତି ହେବା ସହ ସହର ପରିଷ୍କାର ରହିବ ବୋଲି ସେ କହିଥିଲେ। ଏଥିରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଅତିଥି ରୂପେ ଯୋଗ ଦେଇ କହିଥିଲେ ଟ୍ରାଫିକ ସମସ୍ୟାରେ ସୁଧାର ଆସୁଛି । ଗୋଲେଇ ଟ୍ରାଫିକ ହୋଇଗଲେ ଟ୍ରାଫିକ ସେବାରେ ସୁଧାର ଆସିବ । ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ମଧ ଅତିଥି ରୂପେ ଯୋଗ ଦେଇଥିଲେ । ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା ଓ ୧୫ କାଉନସିଲର ମଞ୍ଚାସୀନ ଥିଲେ । ନିର୍ବାହୀ ଅଧିକାରୀ ସ୍ୱାତି ମିଶ୍ର ସମ୍ପାଦକୀୟ ବିବରଣୀରେ ସହରର ଚେହେରା ବଦଳୁଛି ବୋଲି କହିଥିଲେ । ପଠାଣୀ ସାମନ୍ତ ଅଡିଟୋରିୟମ ପାଇଁ ୨କୋଟି ୧୦ ଲକ୍ଷ ଟଙ୍କାର କାମ ଚାଲିଛି। ସହରକୁ ପାନୀୟଜଳ ଯୋଗାଣ ପାଇଁ ୫୧ କୋଟି ଟଙ୍କା ଖର୍ଚ୍ଚ ଚାଲିଛି । ଟାଉନ ହଲ ନବୀକରଣ କରାଯାଇ ଜିଲା ପାଠାଗାରରେ ୩୪ ଲକ୍ଷ ଟଙ୍କା ବିନିଯୋଗ ହୋଇଛି । ୫ ହଜାରରୁ ଊର୍ଦ୍ଧ୍ୱ ପୁସ୍ତକ ରଖାଯାଇଛି । ବଲାଙ୍ଗୀ ପାର୍କ ବିଶ୍ୱସ୍ତରୀୟ ପାର୍କ ପାଇଁ କାମ ଚାଲିଛି । କ୍ଷତ୍ରିବରପୁର ଠାରେ ୩,୫୦ କୋଟି ବ୍ୟୟରେ କ୍ଷୁଦ୍ର ଜୈବିକ ଖତ ପ୍ରସ୍ତୁତି କେନ୍ଦ୍ର, ମଳ ବିଶୋଧନ କେନ୍ଦ୍ର ତିଆରି ହୋଇ କାର୍ଯ୍ୟକ୍ଷମ ହୋଇଛି । ୩ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ମାଛ ବଜାର ଓ ଶୀତଳ ଭଣ୍ଡାର ସହିତ ପିଣ୍ଡି ନିର୍ମାଣ କାମ ଶେଷ ହୋଇଛି । ୫-ଟି ଯୋଜନାରେ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ମା ଦକ୍ଷିଣକାଳୀ ମନ୍ଦିରର ଉନ୍ନତୀକରଣ ପାଇଁ ୩ କୋଟି ୫୦ ଲକ୍ଷ ଓ ଜଗନ୍ନାଥ ମନ୍ଦିର, ମାଉସୀମା ମନ୍ଦିର ଉନ୍ନତି ପାଇଁ ୨କୋଟି ୫୦ ଲକ୍ଷ ମଞ୍ଜୁର ହୋଇଛି ବୋଲି ସେ କହିଥିଲେ । ଏହି ଅବସରରେ ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ଓଡିଆ ବିତର୍କ ଓ ଦେଶାତ୍ମକ ବୋଧକ ସଙ୍ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ୫ରୁ ଦଶମ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ୩୦ ଜଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କାଉନସିଲର, ୧୨ ବିଚାରକ ସମ୍ମାନିତ ହୋଇଛନ୍ତି । ପ୍ରକାଶଥାଉକି ଭୋର ସମୟରେ ରାମଧୁନ କାର୍ଯ୍ୟକ୍ରମ କରାଯାଇ ସହରର ବିଭିନ୍ନ ବରପୁତ୍ର ମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ମ୍ୟୁନିସିପାଲଟି କାର୍ଯ୍ୟାଳୟରେ ଅଧ୍ୟକ୍ଷା ନିରୁପମା ଖଟେଇ ପତାକା ଉତ୍ତୋଳନ କରିଥିଲେ ।

